www.nirbhaysuchana.com
nirbhaysuchanaepaper.com
www.twitter.com/NirbhaySuchana
www.facebook.com/Nirbhaysuchana

NIRBHAY SUCHANA

ନିର୍ଭୟ ସୂଚନା

RNI No. ODIODI/2015/65606 Postal RegNo.-CK(N)/22/2021-2023

Vol.No.-12, Issue- 72 Monday 16 November, 2026, JAJPUR , Page-8, Rs. 5/- | ବର୍ଷ-୧୨, ସଂଖ୍ୟା-୭୨ ସୋମବାର, ୧୬ ନଭେମ୍ବର, ୨୦୨୬, ଯାଜପୁର, ପୃଷ୍ଠା-୮, ମୂଲ୍ୟ-୫ଟଙ୍କା



ଓଁ ଗୌରୀପରଂ ମଦନମନ୍ଦିରା ସୌମ୍ୟାଷ୍ଟମ୍
ଲାଙ୍ଗୁଳାଶୂଳାପରୀମଣ୍ଡିତା ହସ୍ତଯୁଗାଂ
ବ୍ରହ୍ମେନ୍ଦ୍ରରୁଦ୍ର ଗଣବନ୍ଦିତା ପାଦପଦ୍ମଂ
ନିତ୍ୟମ୍ ଭଜାମୀ ବିରଜାମ୍ ବିଗାତନୁରଗମ୍

ଏକାଠି ହେବେ ପୁଟିନ-ଜିନ୍‌ପିଙ୍ଗ-ଟ୍ରମ୍ପ

ମଧ୍ୟପ୍ରାଚ୍ୟ ଯୁଦ୍ଧ ଉପରେ ହେବ ଆଲୋଚନା



ମସ୍କୋ ୧୫/୧୧: ବିଶ୍ୱ ରାଜନୀତିରେ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ଆମେରିକା, ରୁଷ୍ ଓ ଚୀନ୍‌ର ରାଷ୍ଟ୍ରମୁଖ୍ୟ ଡୋନାଲ୍ଡ ଟ୍ରମ୍ପ, ଭ୍ଲାଦିମିର ପୁଟିନ୍ ଓ ସି ଜିନ୍‌ପିଙ୍ଗ୍ ଗୋଟିଏ ମଞ୍ଚରେ ଏକାଠି ହେବେ। ଚୀନ୍‌ର ଶେନ୍‌ଝେନ୍ ସହରରେ ନଭେମ୍ବର ୧୯ ତାରିଖରେ ଏହି ଐତିହାସିକ ବୈଠକ ହେବ ବୋଲି ରୁଷ୍ ସ୍ପଷ୍ଟ କରିଛି। କ୍ରେମଲିନ୍‌ର ମୁଖପାତ୍ର ଦିମିତ୍ରି ପେସ୍କୋଭ୍ ରୁଷିଆର ଖବର ସଂସ୍ଥା ଟାସ୍‌କୁ କହିଛନ୍ତି, ତିନି ନେତାଙ୍କ ମଧ୍ୟରେ ଏକାଠି ବୈଠକ କରିବା ନେଇ ସହମତି ହୋଇଛି। ଏସିଆ-ପ୍ରଶାନ୍ତ ମହାସାଗରୀୟ ଅର୍ଥନୈତିକ ସହଯୋଗ (ଏପିଇସି) ସମ୍ମିଳନୀ ଅବସରରେ ଏହି ଆଲୋଚନା ହେବ। ବିଶ୍ୱର ତିନି ପ୍ରମୁଖ ଶକ୍ତିଶାଳୀ ରାଷ୍ଟ୍ରମୁଖ୍ୟଙ୍କ ବୈଠକରେ ବିଶ୍ୱରେ ପରମାଣୁ ଅସ୍ତ୍ର ସଂଖ୍ୟା କମାଇବା ଓ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ସମ୍ପର୍କରେ ଆଲୋଚନା ହେବ। ତେବେ ରୁଷ୍-ୟୁକ୍ରେନ୍ ଯୁଦ୍ଧ ଏହି ବୈଠକର ଆଲୋଚନା ସୂଚୀରେ ରହିବ ନାହିଁ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ତେବେ ଏହି ବୈଠକ ନେଇ ଚୀନ୍ ସରକାର ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଘୋଷଣା କରିନାହାନ୍ତି। ତିନି ରାଷ୍ଟ୍ରର ଆଲୋଚନା ବିଶ୍ୱ ଶାନ୍ତି ଓ ଆନ୍ତର୍ଜାତିକ ସମ୍ପର୍କକୁ କେଉଁ ଦିଗ ଦେଉଛି ଏବେ ତାହା ଉପରେ ସମସ୍ତଙ୍କ ନଜର।

ବଙ୍ଗୋପ ସାଗରରେ ବଳ ଗୋଟାଉଛି ବାତ୍ୟା 'ଅକଭାନ'

୧୯ ସୁଦ୍ଧା 'ଅତି ଭୀଷଣ ବାତ୍ୟା'

ଭୁବନେଶ୍ୱର, ୧୫/୧୧: ବଙ୍ଗୋପ ସାଗରରେ ଘନୀଭୂତ ହେବାରେ ଲାଗିଛି ଅବପାତ । ଆଜି କିମ୍ବା ଆସନ୍ତାକାଲି ଗଭୀର ଅବପାତର ରୂପ ନେବ । ପରେ ଅଧିକ ଶକ୍ତିଶାଳୀ ହୋଇ ବାତ୍ୟାରେ ପରିଣତ ହେବ। ପାଣିପାଗ ବିଜ୍ଞାନ ବିଭାଗ ଆକଳନ ଅନୁଯାୟୀ, ନଭେମ୍ବର ୧୬ ତାରିଖରେ ଏହା ବାତ୍ୟାରେ ପରିଣତ ହୋଇପାରେ । ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋସାଗରରେ ଭୀଷଣ ବାତ୍ୟାର ରୂପ ନେବ । ୧୭ ତାରିଖ ସୁଦ୍ଧା ଭୀଷଣ ବାତ୍ୟା ଏବଂ ୧୯ ତାରିଖ ସୁଦ୍ଧା ଅତି ଭୀଷଣ ବାତ୍ୟାର ରୂପ ନେବାର ସମ୍ଭାବନା ରହିଛି । ପରବର୍ତ୍ତୀ ସମୟରେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ମୁହାଁଇପାରେ ।

ଦକ୍ଷିଣ-ପୂର୍ବ ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ବର୍ତ୍ତମାନ ପୋର୍ଟ ବ୍ଲେୟାରଠାରୁ ପଶ୍ଚିମ-ଦକ୍ଷିଣ ପଶ୍ଚିମରେ ୭୦୦ କିମି ଦୂରରେ ରହିଛି । ସେହିପରି ଚେନ୍ନାଇଠାରୁ ପୂର୍ବ-ଦକ୍ଷିଣ ପୂର୍ବରେ ୮୬୦ କିମି । ବିଶାଖାପାଟଣାଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବରେ ୧୦୪୦ କିମି ଏବଂ ଗୋପାଳପୁରଠାରୁ ଦକ୍ଷିଣ-ଦକ୍ଷିଣ ପୂର୍ବରେ ୧୧୬୦ କିମି ଦୂରରେ ରହିଛି ।

ତେବେ ଏ ପର୍ଯ୍ୟନ୍ତ ବାତ୍ୟାର ଲ୍ୟାଣ୍ଡଫଲ ନେଇ କୌଣସି ସ୍ପଷ୍ଟତା ଆସିନାହିଁ। ବାତ୍ୟାର



ନିର୍ଦ୍ଦିଷ୍ଟ ଗତିପଥ ଓ ସ୍ଥଳଭାଗ ଛୁଇଁବା ସ୍ଥାନ ଖୁବଶୀଘ୍ର ସ୍ପଷ୍ଟ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦେଇଛନ୍ତି ନିର୍ଦ୍ଦେଶିକା ମନୋରମା ମହାନ୍ତି । ଉପକୂଳ ନିକଟରେ ଘଣ୍ଟାପ୍ରତି ପବନର ବେଗ ୫୦ ରୁ ୬୦ କିମି ବହିବ । ୧୯ ତରଖରୁ ଅତି ପ୍ରବଳ ବର୍ଷା ସମ୍ଭାବନା । ଅନ୍ୟପଟେ ସମ୍ଭାବ୍ୟ ବାତ୍ୟାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବାର ସମ୍ଭାବନା ରହିଛି । ନଭେମ୍ବର ୧୮ ତାରିଖରୁ ରାଜ୍ୟରେ ବର୍ଷା ଓ ପବନର ପ୍ରଭାବ ଦେଖାଦେବ । ବିଶେଷକରି ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବାତ୍ୟାର ପ୍ରଭାବ ଅଧିକ ରହିପାରେ । ଓଡ଼ିଶାରେ ୪ ଦିନ ପ୍ରବଳ ବର୍ଷା ହୋଇପାରେ । ୧୮, ୧୯ , ୨୦ ଓ ୨୧ ତାରିଖରେ ବଡ଼ ବର୍ଷା ରହିଛି । ୧୮ ତାରିଖ ପାଇଁ ଦକ୍ଷିଣ ଓ ଉପକୂଳର ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସେହିପରି ୧୯ରେ ଗଜପତି, ଗଞ୍ଜାମ ଓ ପୁରୀ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ରହିଛି । ଅନ୍ୟ ସମସ୍ତ ଜିଲ୍ଲାକୁ ୧୯ ତାରିଖ ପାଇଁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ୨୦ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡାକୁ ଅରେଞ୍ଜ ୱାର୍ଣ୍ଣିଂ । ଅବଶିଷ୍ଟ ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅନ୍ୟପଟେ ସମ୍ଭାବ୍ୟ ପ୍ରବଳ ବର୍ଷା ଓ ପବନକୁ ନଜରରେ ରଖି ଉପକୂଳବର୍ତ୍ତୀ ଅଞ୍ଚଳରେ ସତର୍କ ରହିବା ପାଇଁ ପାଣିପାଗ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ମତ୍ସ୍ୟଜୀବୀ ମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରଯାଇଛି ।

'ବିର୍ସା ଆଦିବାସୀଙ୍କ ସ୍ୱାଧୀନଚେତା ମନୋବୃତ୍ତିର ସର୍ବଶ୍ରେଷ୍ଠ ନିଦର୍ଶନ'

- ମାଲକାନଗିରିକୁ ୧୬୧ କୋଟିର ପ୍ରକଳ୍ପ ଭେଟି
- ୫୫ କୋଟିର ୨୮ଟି ଛାତ୍ରାବାସ ଲୋକାର୍ପିତ
- ୧୦୬ କୋଟିର ୩୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ଭୁବନେଶ୍ୱର, ୧୫।୧୧(ନି.ସୂ) : ଜନଜାତି ବର୍ଗ ହେଉଛନ୍ତି ଦେଶର ସବୁଠାରୁ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ ବର୍ଗ। ସେମାନଙ୍କ ସଶକ୍ତିକରଣ ବିନା ସମୃଦ୍ଧ ଓଡ଼ିଶା, ବିକଶିତ ଭାରତ ଗଠନ ଅସମ୍ଭବ । ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତି ସମାଜର ଆରାଧ୍ୟ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ତଥା ଜାତୀୟ 'ଜନଜାତୀୟ ଗୌରବ ଦିବସ' ଅବସରରେ ମାଲକାନଗିରିଠାରେ ରାଜ୍ୟସ୍ତରୀୟ ମହୋତ୍ସବ ମହାସମାରୋହରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ କରିବାରେ ବିର୍ସା ଥିଲେ ଜଣେ ଅଗ୍ରଣୀ ନାୟକ। ତାଙ୍କ ପ୍ରେରଣାରେ ସମଗ୍ର ଆଦିବାସୀ ସମାଜ ସ୍ୱାଧୀନଚେତା ଚିନ୍ତାଧାରାରେ ଉଦ୍ବୁଦ୍ଧ ହୋଇଛନ୍ତି । ଜନଜାତି ବର୍ଗର ସାମଗ୍ରିକ ଉନ୍ନତିରେ ହିଁ ଆମେ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ କରିପାରିବା। ଆଜିର ଏହି ଜନଜାତୀୟ ଗୌରବ ଦିବସ ପାଳନ କେବଳ ଏକ ଆନୁଷ୍ଠାନିକ ଉତ୍ସବ ନୁହେଁ, ବରଂ ଏହା ଆମ ଜନଜାତି ସମାଜର ଗୌରବମୟ ଇତିହାସ, ପରମ୍ପରା, ଭାଷା, କଳା, ସଂସ୍କୃତି ଓ ଐତିହ୍ୟକୁ ସ୍ମରଣ କରିବା ସହିତ ଆଗାମୀ ପିଢ଼ି ମଧ୍ୟରେ ଏହାର ସୁରକ୍ଷା ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବାର ଏକ ମହତ୍ତ୍ୱପୂର୍ଣ୍ଣ ଅବସର ଅଟେ।ମାଲକାନଗିରି ଜିଲ୍ଲାରେ ୪,୨୦୦ କୋଟି ଟଙ୍କା ବିନିଯୋଗରେ ଦୁଇଟି ଶିଳ୍ପ ପ୍ରକଳ୍ପ ଖୁବ୍ ଶୀଘ୍ର ପ୍ରତିଷ୍ଠା ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିଲେ। ମୁଖ୍ୟମନ୍ତ୍ରୀ ମାଲକାନଗିରି ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ୧୬୧ କୋଟି ଟଙ୍କାର ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଭେଟି ଦେଇଛନ୍ତି। ଏଥିମଧ୍ୟରୁ ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷାର ପ୍ରସାର ନିମନ୍ତେ ୫୫ କୋଟି ଟଙ୍କା ବ୍ୟୟବରାଦରେ ନିର୍ମିତ ୨୮ଟି ନୂତନ ଛାତ୍ରାବାସ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିବା ବେଳେ, ଜିଲ୍ଲାର ଭିତ୍ତିଭୂମି ଓ ସାମଗ୍ରିକ ଉନ୍ନତି ପାଇଁ ୧୦୬ କୋଟି ଟଙ୍କା ବିନିଯୋଗରେ ୩୫ଟି ନୂତନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନଜାତି ପରିବାରଗୁଡ଼ିକର ଆର୍ଥିକ ସ୍ୱାବଲମ୍ବନ ପାଇଁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ୨.୦' ଆରମ୍ଭ କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଆଗାମୀ ପାଞ୍ଚ ବର୍ଷରେ ୧୯ଟି ଜିଲ୍ଲାର ୧୩୪ଟି ବ୍ଲକର ପ୍ରାୟ ୮ ଲକ୍ଷ ଅନୁସୂଚିତ ଜନଜାତି ଓ ବିଶେଷ ଅନୁନ୍ନତ ଜନଜାତି (ଚଠଞଏ) ପରିବାରକୁ ସଶକ୍ତ କରିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦିଦାୟୀ ଜନଜାତି ବର୍ଗର ୨ଜଣ ଚଷ.ଉ ଛାତ୍ର ଏବଂ ଜଣେ ସମାଜସେବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ କହିଥିଲେ ଯେ, ବିର୍ସା ମୁଣ୍ଡା ହେଉଛନ୍ତି ପ୍ରତ୍ୟେକ ଜନଜାତିଙ୍କ ପାଇଁ ଗର୍ବ ଓ ଗୌରବ। ଆଦିବାସୀ ମାନଙ୍କ ହକ୍ ଜଳ-ଜଙ୍ଗଲ-ଜମି ପାଇଁ ଇଂରେଜ ସରକାରଙ୍କ ବିରୁଦ୍ଧରେ ସେ ଯୁଦ୍ଧ ଡାକରା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗଙ୍ଗାଧର ସୋଡୀ, ବିଭାଗୀୟ କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ ଏବଂ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ପ୍ରମୁଖ ଉପସ୍ଥିତ ଥିଲେ।

ଦୁଇ ହାତୀ ମୃତ୍ୟୁ ଘଟଣା

ଫରେଷ୍ଟର, ଫରେଷ୍ଟ ଗାର୍ଡ ନିଲମ୍ବିତ

ଢେଙ୍କାନାଳ, ୧୫।୧୧(ନି.ସୂ) : କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅନ୍ତର୍ଗତ ଅଁଳାବେରଣୀ ଫରେଷ୍ଟ ବିଟ୍ର ଗୋଦରବିଲି ଗାଁନିକଟ ଚାଷଜମିରେ ଦୁଇ ହାତୀଙ୍କ ମୃତ୍ୟୁ ଘଟଣାକୁ ନେଇ ଡିଏଫଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କାର୍ଯ୍ୟରେ ଅବହେଳା ନେଇ ସେ ଦୁଇଜଣ ବନ ବିଭାଗ କର୍ମଚାରୀଙ୍କୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ଅଁଳାବେରଣୀ ଫରେଷ୍ଟର ଶୁଭେନ୍ଦୁ ଭୂୟାଁ ଓ କଦଳୀପାଳ ଫରେଷ୍ଟ ଗାର୍ଡ ମନସ୍ବିତା ରାଉଳ। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଗୋଦରବିଲି ଗାଁ ନିକଟରେ ଦୁଇଟି ହାତୀର ମୃତ୍ୟୁ ହୋଇଥିଲା। ମୃତ ହାତୀଙ୍କ ମଧ୍ୟରେ ଗୋଟିଏ ମାଈ ହାତୀ ଓ ଗୋଟିଏ ଛୁଆ ହାତୀ ରହିଛନ୍ତି ଷ ଘଟଣାସ୍ଥଳରେ ବନବିଭାଗ ଟିମ ପହଞ୍ଚି ମୃତ୍ୟୁ ହୋଇଥିବା ସ୍ଥାନକୁ ଘେରାଉ କରି ତଦନ୍ତ କରିଥିଲା। ବିଦ୍ୟୁତ ଆଘାତରେ ଆସି ୨ ହାତୀର ମୃତ୍ୟୁ ଘଟିଥିବା ଜଣାପଡିଥିଲା।

ଆଜି ଉପରାଷ୍ଟ୍ରପତି ଦିନିକିଆ ଗସ୍ତରେ ଓଡ଼ିଶା ଆସିବେ

ଭୁବନେଶ୍ୱରରେ କଡ଼ା ସୁରକ୍ଷା ବ୍ୟବସ୍ଥା
ମୁତୟନ ହେବେ ୪୫ ପ୍ଲାଟୁନ୍ ପୁଲିସ

ଭୁବନେଶ୍ୱର, ୧୫/୧୧(ନି.ସୂ): ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ। ଆସନ୍ତାକାଲି ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚିବେ ଉପରାଷ୍ଟ୍ରପତି। ବିଧାନସଭା ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ଯୋଗ ଦେବେ । ଉପରାଷ୍ଟ୍ରପତିଙ୍କ ଗସ୍ତ ପାଇଁ କମିଶନରେଟ୍ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। କାରକେଡ ରିହର୍ସାଲ ସହ ଭୁବନେଶ୍ୱର ବିମାନ ବନ୍ଦରରେ କଡ଼ା ଯାଞ୍ଚ ହେଉଛି । ବମ୍ ସ୍କାଡ୍, ଡଗ୍ ସ୍କାଡ୍ ଅଗ୍ନିଶମ ବିଭାଗ ଓ ଆଣ୍ଟି ସାବୋଟେକ୍ ଟିମ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ତନ୍ନତନ୍ନ ଯାଞ୍ଚ କରାଯାଇଛି । ଉପ ରାଷ୍ଟ୍ରପତିଙ୍କ ସୁରକ୍ଷା ଦାୟିତ୍ୱରେ ପ୍ରାୟ ୪୫ ପ୍ଲାଟୁନ୍ ପଲିସ ଫୋର୍ସ ମୁତୟନ ରହିବେ। ଏଥି ସହ ସୁରକ୍ଷା ଦାୟିତ୍ୱରେ ବିଭିନ୍ନ ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିବେ। ଏୟାରପୋର୍ଟ ଠାରୁ ଚନ୍ଦ୍ରଶେଖରପୁର ନୂଆ ମେ ଫେୟାର ରୁଟ୍ ପର୍ଯ୍ୟନ୍ତ ସବୁଠି କଡ଼ା ସୁରକ୍ଷା ବ୍ୟବସ୍ଥା ।

ଜାତିସଂଘରେ ମୃତ୍ୟୁଦଣ୍ଡ ସ୍ଥଗିତ ରଖିବା ସପକ୍ଷରେ ଭାରତ ଦେଲାନି ଭୋଟ୍

ନ୍ୟୁୟର୍କ ୧୫/୧୧: ମୃତ୍ୟୁଦଣ୍ଡକୁ ବିଶ୍ୱବ୍ୟାପୀ ବନ୍ଦ କରିବା ଦାବିରେ ଜାତିସଂଘରେ ଆଗତ ଏକ ପ୍ରସ୍ତାବକୁ ଭାରତ ବିରୋଧ କରିଛି। ମୃତ୍ୟୁଦଣ୍ଡ ଉପରେ ସାମୟିକ ରୋକ୍ ଲଗାଇବା ସହ ଏହାକୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରିବା ଲକ୍ଷ୍ୟରେ ମେକ୍ସିକୋ ଏହି ପ୍ରସ୍ତାବ ଆଣିଥିଲା। ୧୯୩ ସଦସ୍ୟ ବିଶିଷ୍ଟ ଜାତିସଂଘ ମହାସଭାରେ ନଭେମ୍ବର ୧୩ ତାରିଖରେ ଏହା ଉପରେ ଭୋଟ୍ ହୋଇଥିଲା। ପ୍ରସ୍ତାବ ସପକ୍ଷରେ ୧୩୩ଟି ଦେଶ ଭୋଟ୍ ଦେଇଥିବା ବେଳେ ୩୩ଟି ଦେଶ ବିପକ୍ଷରେ ମତ ଦେଇଥିଲେ। ଅନ୍ୟ ୧୬ଟି ଦେଶ ଭୋଟ୍ ଦାନରୁ ବିରତ ରହିଥିଲେ। ଭାରତ ସହିତ ଆମେରିକା, ଚୀନ୍, ଜାପାନ, ପାକିସ୍ତାନ, ଇରାନ, ଇରାକ, ସାଉଦି ଆରବ, ଇଜିପ୍ଟ, ବାହାରିନ୍ ଓ କୁଏତ୍ ଭଳି ଦେଶ ମଧ୍ୟ ଏହାକୁ ବିରୋଧ କରିଥିଲେ। ପ୍ରସ୍ତାବରେ ବିଶ୍ୱରେ ମୃତ୍ୟୁଦଣ୍ଡ ଜାରି ରହିଥିବା ନେଇ ଗଭୀର ଚିନ୍ତା ପ୍ରକାଶ କରାଯାଇଥିଲା। ସମସ୍ତ ଦେଶ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ କରିବା ଉପରେ ସାମୟିକ ରୋକ୍ ଲଗାଇବାକୁ ଏଥିରେ ଆହ୍ୱାନ ଦିଆଯାଇଥିଲା। ଯେଉଁ ଦେଶଗୁଡ଼ିକ ମୃତ୍ୟୁଦଣ୍ଡ ଉଚ୍ଛେଦ କରିସାରିଛନ୍ତି, ସେମାନେ ଏହାକୁ ପୁନର୍ବାର ଲାଗୁ ନକରିବାକୁ ମଧ୍ୟ କୁହାଯାଇଥିଲା। ପ୍ରସ୍ତାବରେ କେତେକ ବିଶେଷ ବର୍ଗର ଲୋକଙ୍କୁ ମୃତ୍ୟୁଦଣ୍ଡରୁ ସୁରକ୍ଷା ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ୧୮ ବର୍ଷରୁ କମ୍ ବୟସରେ ଅପରାଧ କରିଥିବା ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ନଦେବାକୁ କୁହାଯାଇଥିଲା। ଅପରାଧ ଘଟାଇବା ସମୟରେ ଅଭିଯୁକ୍ତଙ୍କ ବୟସ ୧୮ ବର୍ଷରୁ ଅଧିକ ଥିଲା କି ନାହିଁ, ତାହା ସଠିକ୍ ଭାବେ ଜଣାପଡୁ ନଥିଲେ ମଧ୍ୟ ମୃତ୍ୟୁଦଣ୍ଡ ନଦେବାକୁ ପ୍ରସ୍ତାବରେ ଉଲ୍ଲେଖ ରହିଥିଲା। ଏହାବ୍ୟତୀତ ଗର୍ଭବତୀ ମହିଳା, ମାନସିକ ଓ ବୌଦ୍ଧିକ ଅକ୍ଷମ ବ୍ୟକ୍ତି ଓ ବୟସ୍କ ଲୋକଙ୍କ କ୍ଷେତ୍ରରେ ମୃତ୍ୟୁଦଣ୍ଡ ଲାଗୁ ଉପରେ କଟକଣା ଲଗାଇବାକୁ କୁହାଯାଇଥିଲା। ୨୦୨୫ ମସିହାରେ ବିଶ୍ୱରେ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ ହେବା ଘଟଣାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିବା ନେଇ ପ୍ରସ୍ତାବରେ ଚିନ୍ତା ପ୍ରକାଶ କରାଯାଇଥିଲା।

ଆତଙ୍କବାଦ ପ୍ରସଙ୍ଗରେ ପାକିସ୍ତାନକୁ ଆମେରିକାର କଡା ବାର୍ତ୍ତା

ଭାରତକୁ ଆତ୍ମରକ୍ଷା କରିବାର ପୂରା ଅଧିକାର ଅଛି

ନୂଆଦିଲ୍ଲୀ ୧୫/୧୧ : ଭାରତ-ଆମେରିକା ସମ୍ପର୍କକୁ ନେଇ ପୂର୍ବତନ ଆମେରିକା ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିଙ୍କେନ୍ ଙ୍କ ବିବୃତ୍ତି ଯଥେଷ୍ଟ ଧ୍ୟାନ ଆକର୍ଷଣ କରୁଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ହିନ୍ଦୁସ୍ତାନ ଟାଇମ୍ସ ଲିଡରସିପ୍ ସମିଟ୍ ୨୦୨୬ରେ ସେ ଆତଙ୍କବାଦ, ପାକିସ୍ତାନ, ରୁଷ ଏବଂ ଭାରତ-ଆମେରିକା ରଣନୈତିକ ସହଭାଗୀତା ଭଳି ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ । ତାଙ୍କ ଭାଷଣ ସମୟରେ ବ୍ଲିଙ୍କେନ୍ ସ୍ପଷ୍ଟ ଭାବରେ କହିଥିଲେ ଯେ, ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ-ସହନଶୀଳତା ନୀତି ଗ୍ରହଣ କରାଯିବା ଉଚିତ । ଏହାର ଅର୍ଥ ହେଉଛି ଯେ କୌଣସି ପରିସ୍ଥିତିରେ ଆତଙ୍କବାଦକୁ ସହ୍ୟ କରାଯାଇ ପାରିବ ନାହିଁ, ଆଉ ଭାରତ ଏହି କଥାକୁ ବାରମ୍ବାର ଦୋହରାଇଛି । ବ୍ଲିଙ୍କେନ୍ ସ୍ପଷ୍ଟ ଭାବରେ କହିଥିଲେ ଯେ, ଆମେରିକା ଭାରତର ଆତ୍ମରକ୍ଷା ଅଧିକାରକୁ ସମ୍ମାନ କରିବା ଉଚିତ। ତଥାପି, ସେ ଏହା ମଧ୍ୟ କହିଛନ୍ତି ଯେ, ଭାରତ ଏବଂ ପାକିସ୍ତାନ ଉଭୟ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ଦେଶ ହୋଇଥିବାରୁ ଯେକୌଣସି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ କୂଟନୈତିକ ପ୍ରୟାସ ଅତ୍ୟାବଶ୍ୟକ, ଯାହା ସଂଘର୍ଷକୁ ବୃଦ୍ଧି ପାଇବାରୁ ରୋକିଥାଏ । ତାଙ୍କର କୂଟନୈତିକ ବିବୃତ୍ତି ସୂଚିତ କରୁଛି ଯେ ଆମେରିକା ଗୋଟିଏ ପଟେ ଭାରତର ସୁରକ୍ଷା ଚିନ୍ତାକୁ ସମର୍ଥନ କରିବା ଉଚିତ ଏବଂ ଅନ୍ୟପଟେ ଏହି ଅଞ୍ଚଳରେ ଶାନ୍ତି ବଜାୟ ରଖିବା ପାଇଁ ଆଲୋଚନାର ପଥ ଖୋଲା ରଖିବା ଉଚିତ । ବ୍ଲିଙ୍କେନ୍ ତାଙ୍କ ବିବୃତ୍ତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ ଯେ, ଆମେରିକାକୁ ଆଉ ଭାରତ ସହିତ ସମ୍ପର୍କକୁ ପାକିସ୍ତାନ ଦୃଷ୍ଟିକୋଣରୁ ଦେଖିବାର ଆବଶ୍ୟକତା ନାହିଁ । ତାଙ୍କ

ନୂଆପଡା ପୋଲିସକୁ ବଡ ସଫଳତା

ବୋଡେନ ଅଞ୍ଚଳରେ ମାଓ ସାମଗ୍ରୀ ଜବତ



ନୂଆପଡା,୧୫।୧୧(ନି.ସୂ) : ନୂଆପଡ଼ା ଜିଲ୍ଲା, ବୋଡ଼େନ ବ୍ଲକ୍ ଅନ୍ତର୍ଗତ ପାଟଧରା-ଗର୍ଜନପାଣି ଅଞ୍ଚଳରେ ମାଓବାଦୀ ବିରୋଧୀ ଅଭିଯାନ ସମୟରେ ନୂଆପଡ଼ା ପୋଲିସକୁ ବଡ଼ ସଫଳତା ମିଳିଛି । ଡିଭିଏଫ୍ ଯବାନଙ୍କ ପକ୍ଷରୁ ଚାଲିଥିବା ତଲାସୀ ଓ ଡିମାଇନିଂ ଅଭିଯାନରେ ୭ଟି ସନ୍ଦିଗ୍ଧ ପ୍ରେସର କୁକର ଆଇଇଡି ଏବଂ ୪ ବଣ୍ଡଲ ବିଦ୍ୟୁତ୍ ତାର ଜବତ କରାଯାଇଛି । ନୂଆପଡ଼ା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ନଭେମ୍ବର ୧୪ ତାରିଖରେ ନିର୍ଦ୍ଦିଷ୍ଟ ଗୁପ୍ତ ସୂଚନା ଆଧାରରେ ପାଟଧରା-ଗର୍ଜନପାଣି ଅଞ୍ଚଳରେ ଏହି ଅଭିଯାନ ଚାଲିଥିଲା । ତଲାସୀ ସମୟରେ ସନ୍ଦିଗ୍ଧ ମାଓବାଦୀ ସାମଗ୍ରୀ ଠାବ କରାଯାଇ ଜବତ କରାଯାଇଥିଲା ।

ପୋଲିସର ସୂଚନା ଅନୁଯାୟୀ, ଉଦ୍ଧାର ହୋଇଥିବା ସାମଗ୍ରୀ ପୂର୍ବରୁ ମାଓବାଦୀଙ୍କ ଦ୍ୱାରା ଗଚ୍ଛିତ ରଖାଯାଇଥିବା ସାମଗ୍ରୀର ଅବଶିଷ୍ଟାଂଶ ହୋଇଥାଇପାରେ । ଏହି ସାମଗ୍ରୀ ସମୟୋଚିତ ଭାବେ ଉଦ୍ଧାର ହେବା ଫଳରେ ଅଞ୍ଚଳବାସୀଙ୍କ ସୁରକ୍ଷା ପ୍ରତି ରହିଥିବା ସମ୍ଭାବ୍ୟ ବିପଦକୁ ଏଡ଼ାଇ ଦିଆଯାଇପାରିଛି । ପ୍ରେସ୍ ବିଜ୍ଞପ୍ତିରେ ଆହୁରି କୁହାଯାଇଛି ଯେ, ଡିଜିଏନ୍ ଡିଭିଜନ୍‌ର ସମସ୍ତ ମାଓ କ୍ୟାଡର ପୂର୍ବ ଅଭିଯାନଗୁଡ଼ିକରେ ଆତ୍ମସମର୍ପଣ କରିଛନ୍ତି କିମ୍ବା ନିଷ୍କ୍ରିୟ ହୋଇଛନ୍ତି । ଏହା ଅଞ୍ଚଳରେ ମାଓବାଦୀ କାର୍ଯ୍ୟକଳାପ ଦମନ ଦିଗରେ ଏକ ଉଲ୍ଲେଖନୀୟ ସଫଳତା ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଜବତ ସାମଗ୍ରୀକୁ ସୁରକ୍ଷିତ ରଖାଯାଇଥିବା ବେଳେ ନିୟମ ଅନୁଯାୟୀ ପରବର୍ତ୍ତୀ ଆଇନଗତ ଓ ତଦନ୍ତ ପ୍ରକ୍ରିୟା ଆରମ୍ଭ କରାଯାଉଛି ବୋଲି ପୋଲିସ ସୂତ୍ରରୁ ଜଣାପଡିଛି ।

ବାଘଛାଲ ମୁଲଚାଲ ବେଳେ ୪ ଜଣକୁ ବାନ୍ଧିଲା ବନବିଭାଗ

ଗୁଡାରି,୧୫।୧୧(ନି.ସୂ) : ଗୁଡାରି ରେଞ୍ଜ ଅଧିନସ୍ଥ ନାଇରା ସେକ୍ସନ୍ କର୍ଣ୍ଣପାଡୁ ନିକଟସ୍ଥ ଶିବମନ୍ଦିର ପାମୋଲିନ ଡୋଟାରେ ବାଘଛାଲ ମୁଲଚାଲ ଚାଲିଥିବାବେଳେ ବନବିଭାଗ କୌଣସି ମତେ ଖବର ପାଇଥିଲେ ।

ଗୁଡାରୀ ଓ ବନ ବିଭାଗର ଅଧିକାରି ଓ ତାଙ୍କ ଟିମ ସହ ଅତର୍କିତ ଭାବେ ଆକ୍ରମଣ କରି କଲରାପତରିଆ ବାଘ ଚମଡା ଜବତ କରିବା ସହ ଚାରି ଜଣ ଆସାମି କନ୍ଧମାଳ ଜିଲ୍ଲା ବିର ମରେନ ମଲ୍ଲିକ, ପଦ୍ମପୁର ବ୍ଲକର ଅବସରପ୍ରାପ୍ତ ଶିଖ୍ୟକ ଫିଲିପ ବିଡିକା, କର୍ଣ୍ଣ ପାଡୁ ଶିବମନ୍ଦିର ପୂଜକ, ଗୌରୀ ଶଙ୍କର ରଣା, ଗଞ୍ଜାମ ଜିଲ୍ଲା ସେରଗଡ ଗ୍ରାମର ଶ୍ରୀରାମ ପାତ୍ରଙ୍କୁ ଅଟକ ରଖିଥିବା ବେଳେ ତାଙ୍କ ଠାରୁ ୩ ଗୋଟି ମଟର ସାଇକେଲ୍,ଓ ୪ ଟି ମୋବାଇଲ , ଜବତ କରି ଥିଲେ । ବନବିଭାଗର ଉଚ୍ଚ ପଦସ୍ଥ ଅଧିକାରି ମାନେ ଘଟଣା ସ୍ଥଳରେ ପହଞ୍ଚି ଅନୁସଂଧାନ ଯାରି ରଖିଥିବା ଜଣାପଡିଛି । ଗୁଡାରୀ ଅଞ୍ଚଳରେ ପ୍ରଚୁର ଗଞ୍ଜେଇ ଓ ଚୋରାମଦ, ଓ ମୂଲ୍ୟବାନ



କାଠ ଚୋରା କାରବାର ବିଭାଗିୟ କର୍ମଚାରିଙ୍କ ପକ୍ଷରୁ ଧରପଗଡ କରାଯାଇଥିବା ବେଳେ ବର୍ତମାନ ବାଘଛାଲ କାରବାର ଘଟଣାର ପର୍ଦ୍ଦାଫାସ ହୋଇଛି । ଏହା କେଉଁଠୁ ଆସିଲା ଏଥିରେ କେଉଁ ମାନେ ସମ୍ପୃକ୍ତ ଅଛନ୍ତି, କେତେ ଦିନହେଲା କାହା ସହାୟତାରେ କାରବାର ଚାଲିଛି ତାର ଚେର କେତେଦୂର ଲମ୍ବିଛି ତଦନ୍ତ ଜାରିରହିଛି ।

ତାମିଲନାଡୁରେ ଓଡ଼ିଆ ନାବାଳକଙ୍କୁ ଯୌନ ନିର୍ଯାତନା ଘଟଣା

ଉଭୟ ରାଜ୍ୟ ସରକାରଙ୍କୁ ଘେରିଲେ ଲାଲା ସ୍ୱାଇଁ

ଭଦ୍ରକ,୧୫।୧୧(ନି.ସୂ) : ତାମିଲନାଡୁରେ ଜଣେ ୧୫ ବର୍ଷୀୟ ଓଡ଼ିଆ ନାବାଳକଙ୍କ ସହ ୪ ଜଣଙ୍କ ଦ୍ୱାରା ହୋଇଥିବା ଅମାନବୀୟ ଯୌନ ନିର୍ଯାତନା ଅଭିଯୋଗକୁ ନେଇ ଉଭୟ ତାମିଲନାଡୁ ଓ ଓଡ଼ିଶା ସରକାରଙ୍କୁ କଡ଼ା ପ୍ରଶ୍ନ କରିଛନ୍ତି ଓଡ଼ିଶା ଯୁବ ବିଜେଡିର ସାଧାରଣ ସମ୍ପାଦକ ତଥା ଭଣ୍ଡାରିପୋଖରୀ ବିଧାୟକ ପ୍ରତିନିଧି ଲାଲା ସ୍ୱାଇଁ । ଏ ସମ୍ପର୍କରେ ସେ ନିଜ ଏକ୍ସ (ଟ୍ୱିଟର) ଆକାଉଣ୍ଟରେ ଏକ କଡ଼ା ଟ୍ୱିଟ୍ କରି ଉଭୟ ସରକାରଙ୍କ ଉତ୍ତରଦାୟିତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି ।

ତାମିଲନାଡୁର ମୁଖ୍ୟମନ୍ତ୍ରୀ ବିଜୟଙ୍କୁ ଉଦ୍ଦେଶ୍ୟ କରି ଲାଲା ସ୍ୱାଇଁ ନିରପେକ୍ଷ ତଦନ୍ତ, ଅଭିଯୁକ୍ତଙ୍କ ତୁରନ୍ତ ଗିରଫ ଏବଂ ପୀଡ଼ିତ ନାବାଳକଙ୍କୁ ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରିଛନ୍ତି । ଏଥିସହ ତାମିଲନାଡୁରେ କାର୍ଯ୍ୟରତ ଓଡ଼ିଆ ଶ୍ରମିକଙ୍କ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦେବାକୁ ସେ ଦାବି କରିଛନ୍ତି ।

ଅନ୍ୟପକ୍ଷରେ ଓଡ଼ିଶା ସରକାରଙ୍କୁ ଟାର୍ଗେଟ୍ କରି ସେ କହିଛନ୍ତି ଯେ, ଜଙ୍ଗଲ, ଜମି ଓ ପ୍ରଚୁର ଖଣିଜ ସମ୍ପଦରେ ସମୃଦ୍ଧ ଓଡ଼ିଶାର ଯୁବକମାନେ ନିଜ ରାଜ୍ୟରେ ରୋଜଗାର ନପାଇ କାହିଁକି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ? ଅଦାନୀଙ୍କ ସମେତ ବଡ଼ କର୍ପୋରେଟ୍ ସଂସ୍ଥାକୁ ରାଜ୍ୟର ପ୍ରାକୃତିକ ସମ୍ପଦ ହସ୍ତାନ୍ତର ନେଇ ପ୍ରଶ୍ନ ଉଠୁଥିବା ବେଳେ ସାଧାରଣ ଓଡ଼ିଆଙ୍କ ଭାଗରେ ବେକାରୀ, ଦାଦନ ଓ ନିର୍ଯାତନା କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି । ଆମ ସମ୍ପଦରେ ଅନ୍ୟମାନଙ୍କ ବିକାଶ, ଆଉ ଆମ ଯୁବକଙ୍କ ଭାଗରେ ଦାଦନ ଓ ଅକଥନୀୟ ନିର୍ଯାତନା ଏହାର ଜବାବ ଓଡ଼ିଶା ସରକାର ଦେବା ଆବଶ୍ୟକ ବୋଲି ନିଜ ଟ୍ୱିଟ୍ ?ରେ ଉଲ୍ଲେଖ କରିଛନ୍ତି ଲାଲା ସ୍ୱାଇଁ ।

ଓଡ଼ିଶାର ଯୁବକଙ୍କ ପାଇଁ ନିଜ ରାଜ୍ୟରେ ରୋଜଗାର, ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ଏବଂ ନାବାଳକଙ୍କ ପ୍ରତି ଅପରାଧରେ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ ସରକାରଙ୍କ ଦାୟିତ୍ୱକୁ ନେଇ ତାଙ୍କର ଏହି ଟ୍ୱିଟ୍ ଚର୍ଚ୍ଚା ସୃଷ୍ଟି କରିଛି ।

ରାଜ୍ୟ ସ୍ତରୀୟ ଶିଶୁ ମହୋତ୍ସବ: ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପୁରସ୍କୃତ

ଖୋରଧା,୧୫।୧୧(ନି.ସୂ) : ଖୋରଧା ରେ ପବିତ୍ର ଶିଶୁ ଦିବସ ଅବସରରେ ଆଜି ଖୋରଧା ବ୍ଲକ ଟାଙ୍ଗିଆପଡା ପଞ୍ଚାୟତ ଅନ୍ତର୍ଗତ କୁମାରବସ୍ତ ଶ୍ରୀ ଲୋକନାଥ ଦେବ ଶିଶୁ ମନ୍ଦିର ସ୍କୁଲରେ ରାଜ୍ୟ ସ୍ତରୀୟ ୨୯ ତମ ଶିଶୁ ମହୋତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି ।

ବିଦ୍ୟାଳୟର ପ୍ରତିଷ୍ଠାତା ନବକିଶୋର ପାତ୍ର ଓ ପ୍ରିନ୍ସିପାଲ ସ୍ୱପ୍ନା ପାଟଶାଣୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶତାଧିକ ଛାତ୍ରଛାତ୍ରୀ ନୃତ୍ୟ, ଗୀତ, ଚିତ୍ରାଙ୍କନ, କବିତା ଆବୃତ୍ତି, ବକ୍ତୃତା, କୁଇଜ୍ ଓ କ୍ରୀଡା ଭଳି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। କୁନି କୁନି ପିଲାଙ୍କ ମନମୋହକ ନୃତ୍ୟ ଓ ସୁମଧୁର ଗୀତ ଦେଖି ଦର୍ଶକ ମୁଗ୍ଧ ହୋଇଯାଇଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ



ଗର୍ବିତ ଓଡ଼ିଆର ପ୍ରତିଷ୍ଠାତା ବଳରାମ ରଣସିଂହ, ଭୁବନେଶ୍ୱର ରେଳ ଷ୍ଟେସନ ସୁପରିଣ୍ଟେଣ୍ଡେଣ୍ଟ ଜି. ମୋହନ ବାବୁ ଓ ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ସୁଧାକର ସାହୁ,,ଦିବ୍ୟସିଂହ ପାତ୍ର, ଦୟାନିଧି ରାଉତରାୟ , ସାମ୍ବାଦିକ ଗୋପାଳକୃଷ୍ଣ ପ୍ରଧାନ ଯୋଗ ଦେଇ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ସହ ସଂସ୍କାର, ଶୃଙ୍ଖଳା ଓ ଆତ୍ମବିଶ୍ୱାସ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ।

ସେହିପରି କଞ୍ଚା ମାଟି ସଦୃଶ ଏହି ଛୋଟ ଛୋଟ ପିଲାଙ୍କୁ କେବଳ ଶିକ୍ଷକ ଶିକ୍ଷୟିତ୍ରୀ ନୁହେଁ, ଅଭିଭାବକ ମାନେ ମଧ୍ୟ ପରିପୂରକ ଭାବେ ଭଲ ମଣିଷ ହେବା ପାଇଁ ନିଜ ପରିବାରରୁ ସଂସ୍କାର ଶିକାଇବା ଆବଶ୍ୟକ ବୋଲି କହିଥିଲେ କ୍ଷପରେ ବିଭିନ୍ନ ପ୍ରତିଯୋଗିତାରେ ଯଥା -ନୃତ୍ୟ, ଗୀତ, ପ୍ରବନ୍ଧ, ବକୃତା, ସାଧାରଣ ଜ୍ଞାନ, ଆଳୁ ଚାମଚ, ଅଖା ଦୌଡ଼, ଶ୍ଲୋକ ଆବୃତ୍ତି ଓ ଅନ୍ୟାନ୍ୟ କ୍ରୀଡା ରେ କୃତିତ୍ୱ ଅର୍ଜନ କରିଥିବା ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ୪୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ରାଜ୍ୟ ସ୍ତରୀୟ ମହୋତ୍ସବ କୁ ମୃତ୍ୟୁଞ୍ଜୟ ମହାପାତ୍ର ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ-ଶିକ୍ଷୟତ୍ରୀ, ଅଭିଭାବକ ଓ ଗ୍ରାମବାସୀ, ନୃତ୍ୟ ଶିକ୍ଷୟିତ୍ରୀ କୁନି ସାହୁ,ସହଯୋଗ କରିଥିଲେ।

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ସମବାୟ ସପ୍ତାହ ପାଳିତ

ରାଜନଗର,୧୫।୧୧(ନି.ସୂ) : ରାଜନଗରସ୍ଥିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ୭୩ତମ ସମବାୟ ସପ୍ତାହ ପାଳନ କରାଯାଇଛି । କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମବାୟ ପତାକା ଉତ୍ତୋଳନ କରିଥିଲେ । ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସମବାୟ ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଚାଷୀଙ୍କ ଉନ୍ନତି, ସେବା ମନୋଭାବ ପୋଷଣ କରି କାର୍ଯ୍ୟ କରିବା, ନୂତନ ଯୋଜନା ମାଧ୍ୟମରେ ସମବାୟ ଆନ୍ଦୋଳନକୁ ଶକ୍ତିଶାଳୀ କରିବା ବୋଲି ଶ୍ରୀ ସାହୁ ମତବ୍ୟକ୍ତ କରିବା ସହ ସମବାୟ ହେଉଛି ମହିଳା, ଯୁବ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ନିରନ୍ତର ସେବା ଯୋଗାଇବା ବୋଲି କହିଥିଲେ ।

ରାଜନଗର ଶାଖା ପରିଚାଳକ ବାସୁଦେବ ମହାରଣା, ବିକାଶ କୁମାର ସିଂ, କୃଷିକେଶ ପଣ୍ଡା, ଦଧିବାମନ ଭୂୟାଁ, ସୁମନ୍ତ ବେହେରା, ଜ୍ୟୋତିରଞ୍ଜନ ବାରିକ, ବୈକୁଣ୍ଠ କୁମାର ବାରିକ, ମିଲନ ନାୟକ, ବିଭୂତିଭୂଷଣ ସାହୁ, ରଞ୍ଜିତ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।



ସେହିପରି ବ୍ଲକର ନୋଧାବସନ୍ତ ସେବା ସମବାୟ ସମିତିରେ ସଭାପତି ରତ୍ନାକର ବିଶ୍ୱାଳ, ସମ୍ପାଦକ ଗୋବିନ୍ଦଚନ୍ଦ୍ର ଜେନା, ବାଲିସାହିପାଟଣା ସେବା ସମବାୟ ସମିତିରେ ସମ୍ପାଦକ ଅମର କୁମାର ବଳ, କୋଇଲିପୁର ସେବା ସମବାୟ ସମିତିରେ ପ୍ରକାଶ କୁମାର ଜେନା, ରାଜନଗର ସେବା ସମବାୟ ସମିତିରେ ପ୍ରେମାନନ୍ଦ ସାହୁ, ତାଳଚୁଆରେ ଯୋଗେନ୍ଦ୍ର ବାରିକ, ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତିରେ ଅଲେଖ ଚନ୍ଦ୍ର ବେହେରା, କୁରୁଣ୍ଟିରେ ଗିରୀଶ ଜେନା,ଭାଟପଡାରେ ନୀଳମଣି ପ୍ରଧାନ, ଓଷ୍ଟିଆରେ ସତ୍ୟ ନାରାୟଣ ନାୟକ ପତାକା ଉତ୍ତୋଳନ କରିଥିଲେ।

ପଞ୍ଚକୁଣ୍ଡୀୟ ମହାଯଜ୍ଞର ଶୁଭସ୍ତମ୍ଭ ସ୍ଥାପନ

ସଦରବ୍ଲକ,୧୫।୧୧(ନି.ସୂ) : ବଲାଙ୍ଗୀର ସାଗର୍ ସିଂ ବରିହା ସଦରବ୍ଲକ ଅନ୍ତର୍ଗତ ସାହାଜବାହାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝରେଇବାହାଲି ଗ୍ରାମର ରଘୁନାଥ



ମଠର ମହନ୍ତ ମହାରାଜ ଶ୍ରୀ ବଳରାମ ଦାଶ ମହାରାଜଙ୍କ ଆନୁକୂଲ୍ୟରେ ଶ୍ରୀ ରଘୁନାଥ ମହାପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା ଓ ପଞ୍ଚକୁଣ୍ଡିୟ ମହାଯଜ୍ଞର ଶୁଭ ସ୍ତମ୍ଭ ସ୍ଥାପନ କରାଗଲା । ଉକ୍ତ ଉତ୍ସବରେ ବଲାଂଗୀର ବିଧାୟକ କଲିକେଶ ନାରାୟଣ ସିଂଦେଓ ଏବଂ ଏହି ମୋହୋତ୍ସବର ସଭାପତି ଶୁଶିଳ ଚାନ୍ଦ ଉପ ସଭାପତି ବିଭୁତିଭୂଷଣ ପୁରୋହିତ ସହିତ ସ୍ଥାନୀୟ ଆଖ ପାଖ ଅଞ୍ଚଳର ବୁଦ୍ଧିଜୀବୀ ଭକ୍ତ ଓ ଜନ ସାଧାରଣ ଉପସ୍ଥିତ ରହିଥିଲେ ।ଏହି ଉତ୍ସବଟି ମାର୍ଚ୍ଚ ମାସରେ ହେବ ବୋଲି କମିଟୀ ପକ୍ଷରୁ ସୂଚନା ଦିଆଯାଇଛି ।

ସଂସ୍କୃତ କଲେଜରେ ନେହେରୁ ଜୟନ୍ତୀ ପାଳନ

ରାଜନଗର,୧୫।୧୧(ନି.ସୂ) : ରାଜନଗର ସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୧୩୭ ତମ ଜନ୍ମ ଦିବସ ପାଳିତ ହୋଇଯାଇଛି । ଚାଚା ନେହେରୁଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପରେ ଅଧକ୍ଷା ତନୁଶ୍ରୀ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ଅଧକ୍ଷ ଡ଼ଃ ଘନଶ୍ୟାମ ମିଶ୍ର, ଅଧ୍ୟାପକ ନିହାର ରଞ୍ଜନ ପରିଡା ଓ ଆଦିତ୍ୟ ତ୍ରିପାଠୀ ଚାଚା ନେହେରୁଙ୍କ ଜନ୍ମ ଦିବସକୁ କାହିଁକି ଶିଶୁ ଦିବସ ରୂପେ ଭାରତରେ ପାଳନ କରାଯାଉଛି, ସେ ସମ୍ପର୍କରେ ଅଭିମତ ରଖିଥିଲେ । କାର୍ଯ୍ୟାଳୟ ସହାୟକ ଅରୁଣ କୁମାର ରାଉତ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କୁ ମିଷ୍ଠାନ୍ନ ବଣ୍ଟନ ହୋଇଥିଲା ।

ଦୁର୍ଗମ ଅଞ୍ଚଳରେ କିଓରବେ ଫାଉଣ୍ଡେସନର ସ୍ୱାସ୍ଥ୍ୟସେବା

ତିନି ଦିନରେ ୪୦୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ମାଲାନଗିରି,୧୫।୧୧(ନି.ସୂ) : ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଗରିବ ଓ ଆଦିବାସୀ ପରିବାରଙ୍କ ନିକଟରେ ଚିକିତ୍ସା ସେବା ପହଞ୍ଚାଇବା ଲକ୍ଷ୍ୟରେ



କିଓରବେ ଫାଉଣ୍ଡେସନ ପକ୍ଷରୁ ଆରମ୍ଭ ହୋଇଛି ମାଗଣା ଚକ୍ଷୁ ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର । ଏହି କ୍ରମରେ ଶନିବାର ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ କଣ୍ଟାମାଡି ଗ୍ରାମରେ ଅମ୍ଲାନ ଆନେମିଆ ମୁକ୍ତ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ତିନି ଦିନ ଧରି ଚାଲିଥିବା ଏହି ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ମୋଟ ୪୦୦ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଛି ।

ତାର୍ଲାକୋଟା ପଞ୍ଚାୟତର ବାଲିଛୁଆ, ଖୁଲୁଗୁଡ଼ା ଓ କଣ୍ଟାମାଡି ଭଳି ଦୁର୍ଗମ ତଥା ଆଦିବାସୀ ଅଧୁଷିତ ଗ୍ରାମର ଗରିବ ଓ ଅସହାୟ ପରିବାରଙ୍କୁ ଏହି ଶିବିରରେ ବିଶେଷ ପ୍ରାଧାନ୍ୟ ଦିଆଯାଇଥିଲା । ମହିଳା, ଶିଶୁ ଓ ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ରକ୍ତଚାପ ମାପ, ଚକ୍ଷୁ ପରୀକ୍ଷା ଓ ସାଧାରଣ ରୋଗର ଯାଞ୍ଚ କରାଯାଇଥିଲା । ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଯାୟୀ ଆବଶ୍ୟକ ଔଷଧ ମାଗଣାରେ ପ୍ରଦାନ କରାଯାଇଥିଲା । ଏଥିସହ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା, ବ୍ୟକ୍ତିଗତ ସ୍ୱଚ୍ଛତା, ପରିବେଶର ପରିଚ୍ଛନ୍ନତା ଓ ମୌସୁମୀଜନିତ ରୋଗରୁ ସୁରକ୍ଷା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା ।

ବିଶେଷକରି ରକ୍ତହୀନତା ବା ଆନେମିଆର ଲକ୍ଷଣ, ଏହାର ପ୍ରତିକାର ଓ ପୁଷ୍ଟିକର ଖାଦ୍ୟ ଗ୍ରହଣର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ପରାମର୍ଶ ଦିଆଯାଇଥିଲା । ଏହି ଶିବିରକୁ ଡାକ୍ତର ରୂପେଶ ଡାଲି, ଡାକ୍ତର ରାଜୀବ ଲୋଚନ ପାଢ଼ୀ ଓ ଡାକ୍ତର ସଞ୍ଜୀବ କୁମାର ଅଧିକାରୀ ପରିଚାଳନା କରିଥିଲେ । ସେମାନଙ୍କୁ ସ୍ଥାନୀୟ ଭଦ୍ରବ୍ୟକ୍ତି ନାରାୟଣ ଖରା, ଲଖନ ପାଙ୍ଗି, କେଶରୀ ଖରା, ଶୁକ୍ରା ଖରା ଏବଂ ତାର୍ଲାକୋଟା ପଞ୍ଚାୟତର ନାଏବ ସରପଞ୍ଚ ପଦ୍ମନାଭ ମାଡ଼କାମୀ ସହଯୋଗ କରିଥିଲେ ।

ଦୁର୍ଗମ ଅଞ୍ଚଳରେ ଚିକିତ୍ସା ସୁବିଧା ପାଇବା ପାଇଁ ଲୋକଙ୍କୁ ଦୀର୍ଘ ଦୂରତା ଅତିକ୍ରମ କରିବାକୁ ପଡୁଥିବାରୁ ଏଭଳି ମାଗଣା ସ୍ୱାସ୍ଥ୍ୟ ଶିବିର ସ୍ଥାନୀୟ ଅଧିବାସୀଙ୍କ ପାଇଁ ବେଶ୍ ଉପାଦେୟ ହୋଇପାରିଛି । ଶିବିର ଆୟୋଜନ ପାଇଁ ଗ୍ରାମବାସୀ କିଓରବେ ଫାଉଣ୍ଡେସନକୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ଏଭଳି ସ୍ୱାସ୍ଥ୍ୟସେବା ଜାରି ରଖିବାକୁ ଅନୁରୋଧ କରିଛନ୍ତି ।

ନୂଆପଡାରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଉଦ୍‌ଘାଟିତ

'ନିଶାମୁକ୍ତ ଯୁବା ଓ ବିକଶିତ ଭାରତ' ଉପର ଆଲୋଚନା ଚକ୍ର

ନୂଆପଡା,୧୫।୧୧(ନି.ସୂ) : ଯୁବ ପ୍ରତିଭାର ବିକାଶ, କଳା ଓ ଲୋକସଂସ୍କୃତିର ପ୍ରୋତ୍ସାହନ ତଥା ଯୁବପିଢ଼ିଙ୍କ ମଧ୍ୟରେ ସାମାଜିକ ସଚେତନତା ଓ ସୃଜନଶୀଳତା ବୃଦ୍ଧି ଲକ୍ଷ୍ୟରେ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ଏବଂ ଜିଲ୍ଲା ପ୍ରଶାସନ, ନୂଆପଡ଼ାର ମିଳିତ ସହଯୋଗରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଆଜି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି । ଚଳିତ ବର୍ଷର ଉତ୍ସବର ବିଷୟବସ୍ତୁ ରହିଛି 'ନିଶାମୁକ୍ତ ଯୁବା ଓ ବିକଶିତ ଭାରତ'।

ଉଦ୍‌ଘାଟନୀ ସମାରୋହରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ଉତ୍ସବ ଯୁବପିଢ଼ିଙ୍କ ଅନ୍ତର୍ନିହିତ ପ୍ରତିଭା ଓ ନେତୃତ୍ୱ ଦକ୍ଷତାର ବିକାଶ ପାଇଁ ଏକ


ପାରାଦୀପ ପୋର୍ଟରେ ପଶିଛି ସିବିଆଇ

ପାରାଦୀପ, ୧୫/୧୧/୨୬(ନି ସୂ) ପୋର୍ଟର ଟ୍ରାଫିକ୍ ବିଭାଗରେ ଚାକିରି କରୁଥିବା ଜଣେ ବଡ଼ ଅଧିକାରୀ ନିଜ ପଦବୀର ଅପବ୍ୟବହାର କରି ବିଭିନ୍ନ ସଂସ୍ଥାକୁ ଅନୁକମ୍ପା ଦେଖାଇ ଅର୍ଥ ହରିଲୁଟ କରିଥିବା ଅଭିଯୋଗ ହୋଇଛି। ପାଖାପାଖି ୧୦ କୋଟିରୁ ଉର୍ଦ୍ଧ୍ୱ ଠକେଇ ହୋଇଥିବାନେଇ ପ୍ରଥମେ ଲୋକପାଳରେ ଅଭିଯୋଗ ହୋଇଥିଲା। ଲୋକପାଳଙ୍କ ପରାମର୍ଶ ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଉକ୍ତ ଅଧିକାରୀଙ୍କ ସମ୍ପର୍କରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ଠାରୁ ତଥ୍ୟ ମାଗିଥିବା ଜଣାପଡ଼ିଛି। ସେ କେବେଠୁ ପାରାଦୀପରେ ଚାକିରି କରିବା ସହ କେତେ ଦରମା ପାଉଥିଲେ। ସରକାରଙ୍କୁ ପ୍ରତିବର୍ଷ ଦେଉଥିବା ସମ୍ପତି ତାଲିକା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଇଡି ମାଗିଥିଲା। ଅଧିକାରୀ ଜଣଙ୍କ ଉଚ୍ଚ ପଦବୀରେ ଥିବାରୁ ପରିଚାଳନା ଦାୟିତ୍ୱ ଆଳରେ ପାରାଦୀପ ବନ୍ଦର ସହିତ ଜଡ଼ିତ ବିଭିନ୍ନ ସଂସ୍ଥାଠାରୁ ବିପୁଳ ଅର୍ଥ ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଲୋକପାଳରେ ଅଭିନାଶ ଗୁରୁ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଲୋକପାଳ ଏକ ମାମଲା କରି ଇଡିକୁ



ତଦନ୍ତ କରିବାକୁ ପରାମର୍ଶ ଦେଇଥିଲେ। ଇଡି ଏହାକୁ ସିବିଆଇକୁ ହସ୍ତାନ୍ତର କରିବାକୁ ଦାୟିତ୍ୱ ଦେବା ପରେ ମାମଲାର ତଦନ୍ତ କରି ପାରାଦୀପ ପୋର୍ଟକୁ ଉକ୍ତ ଅଧିକାରୀଙ୍କ ତଥ୍ୟ ମାଗିଛି। କିଣାଯାଇଥିବା ବଜାର ମୂଲ୍ୟ ଠାରୁ ଢେର କମ୍‌ରେ ରଥୁବା ଅଭିଯୋଗ ହୋଇଛି। ଏହି ଗୋଟିଏ ସମ୍ପରି ନୁହେଁ ନିକଟରେ । ଏକାଧିକ ପ୍ଲଟ କିଣିଥିଲେ ମଧ୍ୟ ସରକାରୀଙ୍କୁ ସମ୍ପତ୍ତି ତାଲିକାରେ ଏହାକୁ ଦର୍ଶାଇ ନାହାନ୍ତି। ଉକ୍ତ ଅଧିକାରୀଙ୍କ ଭୁବନେଶ୍ୱର, କଟକ, ପୁରୀ ବ୍ୟତୀତ ଅନ୍ୟ କେତେକ ସହରରେ ବହୁତଳ କୋଠା, ବ୍ୟବସାୟିକ ପ୍ରତିଷ୍ଠାନ ଆଦି ରହିଛି। ମୁଖ୍ୟତଃ ବନ୍ଦର ବର୍ଥରେ ଜାହାଜକୁ ସଞ୍ଚଳ ପ୍ରବେଶ ଅନୁମତି ଏବଂ ଆଙ୍କରିଂ ପ୍ରଦାନ ଆଳରେ ଅଧିକାରୀ ଜଣଙ୍କ ଅର୍ଥ ଆଦାୟ କରୁଥିବା ଜଣା ପଡିଛି ଆଜି ସିବିଆଇର ଏକ ପାଞ୍ଚ ଜଣିଆ ଟିମ୍ ପାରାଦ୍ୱୀପ ପହଞ୍ଚି ସେହି ଘଟଣା ରେ ସଂପୃକ୍ତି ଶ୍ରିମନ୍ ମିଶ୍ରଙ୍କ ବାସଭବନ ଓ କ୍ୟାମ୍ପସ ନାମକ କଲ୍ପା ପଠନ କେନ୍ଦ୍ର ରେ କାଗଜ ପତ୍ର ଯାଞ୍ଚ କରୁଥିବାର ଦେଖିବାକୁ ମିଳିଛି ।

ଭରତପୁରରେ ଗିରିଗୋବର୍ଦ୍ଧନ ପୂଜା



କେନ୍ଦ୍ରାପଡ଼ା,୧୫।୧୧:କେନ୍ଦ୍ରାପଡା ବ୍ଲକ ଅଧିନ ଭରତପୁର ଗ୍ରାମରେ ମକ୍କଦମ ପରିବାରର କୂଳଦେବତା ପ୍ରଭୁ ଶ୍ରୀଗୋପାଳଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀଜୀଉଙ୍କ ମନ୍ଦିର ସିଂହଦ୍ୱାର ସମ୍ମୁଖରେ କଦଳିପତ୍ର ଉପରେ ଶ୍ରୀଅନ୍ନକୁ ଏକ ପାହାଡ ସଦୃଶ ରଖାଯାଇଥିଲା। ଏହା ଉପରେ ଶ୍ରୀଗୋପାଳଜୀଉଙ୍କୁ ବିଜେ କରାଯିବା ପରେ ତାଙ୍କୁ ଷୋଡଶ ଉପଚାରରେ ପୂଜା କରାଯିବା ସହିତ ହୋମଯଜ୍ଞ କରାଯାଇଥିଲା। ଏହାପରେ ଧୂପ, ଦୀପ, ପୁଷ୍ପାଞ୍ଜଳୀ ଅର୍ପଣ କରାଯାଇଥିଲା।ପରେ ଆଳତୀ କରାଯାଇ ଭୋଗଲାଗି କରାଯାଇଥିଲା। ଶ୍ରୀଜୀଉଙ୍କ ପୂଜକ ସରୋଜକାନ୍ତ ପତି ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବରେ ଆଇନ ଅଧିକାରୀ ପ୍ରବୋଧ କୁମାର ଦାସ କାର୍ଯ୍ୟନିର୍ବାହ କରିଥିଲେ। ଏହାପରେ ଭଜନ, ଜଣାଣ ଓ ନାମସଂକୀର୍ତ୍ତନ କରାଯାଇଥିଲା।

ଜଳେଶ୍ୱର ବ୍ଲକରେ ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ (ୟୁପିଏମପି)ର ଶୁଭାରମ୍ଭ


ନୂତନ ମଧୁବାବୁ ପେନ୍‌ସନ୍ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ



ଜଳେଶ୍ୱର,୧୪।୧୧(ନି.ସୂ): ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାକୁ ଅଧିକ ସ୍ୱଚ୍ଛ,ସରଳ ଓ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ଜଳେଶ୍ୱର ପଞ୍ଚାୟତ ସମିତି ପକ୍ଷରୁ ଆଜି ବ୍ଲକ ସ୍ତରୀୟ ଏକୀକୃତ ପେନ୍ ?ସନ୍ ପରିଚାଳନା ପୋର୍ଟାଲ (ୟୁପିଏମପି) ର ଶୁଭାରମ୍ଭ ତଥା ନୂତନ ଭାବେ ମଞ୍ଜୁରୀପ୍ରାପ୍ତ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନା ଅଧୀନରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ବ୍ଲକ ପରିସରରେ ଭାରପ୍ରାପ୍ତ ବିଡ଼ିଓ ସୁଧୀର କୁମାର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକର ନୂତନ ଭାବେ ଚୟନ ହୋଇଥିବା ଯୋଗ୍ୟ ବରିଷ୍ଠ ନାଗରିକ,ବିଧବା,ଦିବ୍ୟାଙ୍ଗ,ସ୍ୱାମୀ ପରିତ୍ୟକ୍ତା, ଅବିବାହିତ କନ୍ୟା ଓ ଅନ୍ୟାନ୍ୟ ହିତାଧିକାରୀମାନଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାର ୨୬୩୨ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି।ସାଂସଦ ପ୍ରତିନିଧି ବ୍ରଜ ମୋହନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ନୂତନ ଭାବେ ଆରମ୍ଭ ହୋଇଥିବା ୟୁପିଏମପି ପୋର୍ଟାଲ ମାଧ୍ୟମରେ କିପରି ହିତାଧିକାରୀମାନେ ଅନ୍‌ଲାଇନ୍ ଆବେଦନ,ତଥ୍ୟ ଯାଞ୍ଚ ଏବଂ ସିଧାସଳଖ ଭତ୍ତା ସେବା ପାଇପାରିବେ,ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ମୂଲ୍ୟବାନ୍ ବକ୍ତବ୍ୟ ପ୍ରଦାନ କରିଥିଲେ।

ଜିଲ୍ଲା ପରିଷଦ ଉପସଭାପତି ଅନୁସୟା ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ଲକ ଅଧକ୍ଷ ମାନସ କୁମାର ଜେନା,ସେକସନ ଅଫିସର ସନ୍ତୋଷ ଭଞ୍ଜ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ରକାନ୍ତ ଭଲୁକ୍ ,ଝାଡପିମ୍ପଲ୍ ପଞ୍ଚାୟତ ର ସରପଞ୍ଚ ଜୟକୃଷ୍ଣ ଅଣ୍ଡିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।ଜିପିଡିଓ ସବ୍ୟସାଚି ଦାସ ମଞ୍ଚ ଆହ୍ୱାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ବେଲତଳରେ ଅଗ୍ନିକାଣ୍ଡ



ପଟାମୁଣ୍ଡାଇ ୧୫।୧୧ (ନି.ସୂ) ପଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୨୦ନମ୍ବର ୱାର୍ଡର ବେଲତଳ ଗ୍ରାମରେ ଏକ ଅଗ୍ନିକାଣ୍ଡ ଘଟିଛି। ଦୁଇ ବଖରା ଚାଳ ଘର ପୋଡି ପାଉଁଶ ହୋଇ ଯାଇଛି। ବିଦ୍ୟୁତ ସଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବାର ଅନୁମାନ କରାଯାଉଛି। ଘରେ ସମସ୍ତେ ଶୋଇ ଥିବା ସମୟରେ ଆସବାବପତ୍ର, ଟଙ୍କା,ଧାନ ଚାଉଳ, ସୁନାଗହଣା ସମେତ ସମସ୍ତ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। କୌଣସି ଜିନିଷ ଉଦ୍ଧାର କରାଯାଇ ପାରି ନାହିଁ। ଖବର ପରିବେଷଣ କରିବା ପ୍ରତ୍ୟେକ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଉଚିତ୍ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଜଳେଶ୍ୱର ଅଞ୍ଚଳର ସାମାଜିକ,ସାଂସ୍କୃତିକ ଏବଂ ପ୍ରଶାସନିକ ବିକାଶରେ ଜନତାଙ୍କ ସ୍ୱରକୁ ପ୍ରଶାସନ ନିକଟରେ ପହଞ୍ଚାଇବାରେ ସାମ୍ବାଦିକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନର ଡିଜିଟାଲ୍ ଯୁଗରେ ତଥ୍ୟଭିତ୍ତିକ,ନିରପେକ୍ଷ ଏବଂ ସତ୍ୟନିଷ୍ଠ ଗଣମାଧ୍ୟମର ସକାରାତ୍ମକ ସହଯୋଗକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ।ଏଥିସହ କାର୍ଯ୍ୟରତ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା, ସୁରକ୍ଷା ଏବଂ କଲ୍ୟାଣମୂଳକ ପଦକ୍ଷେପ ସମ୍ପର୍କରେ ମଧ୍ୟ ସଭାରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଙ୍ଘର ପ୍ରତିନିଧିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।ପରେ ପରେ ଜୁନିଅର ଓ ସିନିଅର ବିଭାଗର ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଗୁରୁ ଡ.ଅରୁଣ କୁମାର ମିଶ୍ର,ଗୁରୁ ମିହିର ପଣ୍ଡା,ଗୁରୁ ରାଧାଶ୍ୟାମ ବେହେରା ଓ ବ୍ରଜବନ୍ଧୁବ ସାହୁ ବିଚାରକ ଭାବରେ କାର୍ଯ୍ୟ ତୁଲାଇ ଥିଲେ।ସାଂବାଦିକ ରାଜେଶ କୁମାର ପ୍ରଧାନ ମଞ୍ଚ ଆହ୍ୱାନ କରିଥିବା ବେଳେ ସାଂବାଦିକ ଗୋପବନ୍ଧୁ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସାଂବାଦିକ ମନୋଜ କୁମାର ଭୂୟାଁ,କବିତା ମାନ୍ଧାତା,ଅର୍ଜୁନ ସିଂହ,ବିଜୟ କୁମାର ପ୍ରଧାନ,ଅଶ୍ରୁମୋଚନ ଘୋଷ,ଆଲୋକ ଘଡ଼େଇ,ହସିରୁଦିନ ବକ୍ ପ୍ରମୁଖ ସାଂବାଦିକ ମାନେ ସହଯୋଗ କରିଥିଲେ।

ଜଳେଶ୍ୱର ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସର ଉଦ୍‌ଘାଟନୀ ଉତ୍ସବ

ଗଣତନ୍ତ୍ରର ସୁରକ୍ଷାରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଜଳେଶ୍ୱର,୧୫।୧୧ (ନି.ସୂ): ଜଳେଶ୍ୱର ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ଅବସରରେ ଏକ ଉଦ୍ ?ଘାଟନୀ ଉତ୍ସବ ଜଳେଶ୍ୱର ବାସନ୍ତୀ ପଡିଆ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଅମର କୁମାର ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଙ୍ଘର ଉପଦେଷ୍ଟା ଶ୍ରୀଯୁକ୍ତ ଦୁର୍ଜୟ ପାଣିଗ୍ରାହୀ ଉଦଘାଟକ ଭାବେ ଯୋଗ ଦେଇଥିବା ବେଳେ ଅଧାପକ କେଦାର ନାଥ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକତାର ମୂଲ୍ୟବୋଧ ଏବଂ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିତ ଡ.ଅଜିତ କୁମାର ମହାନ୍ତି ଓ ବସ୍ତା ବ୍ଲକ ଭେରୁରା କ୍ଲଷ୍ଟରର ସିଆରସିସି ଗଣେଷ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ବାଦିକତା ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ। ସମାଜର ଅବହେଳିତ,ନିଷ୍ପେସିତ ଓ ସାଧାରଣ

ଜନତାଙ୍କ ସ୍ୱରକୁ ପ୍ରଶାସନ ନିକଟରେ ପହଞ୍ଚାଇବାରେ ସାମ୍ବାଦିକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନର ଡିଜିଟାଲ୍ ଯୁଗରେ ତଥ୍ୟଭିତ୍ତିକ,ନିରପେକ୍ଷ ଏବଂ ସତ୍ୟନିଷ୍ଠ ଗଣମାଧ୍ୟମର ସକାରାତ୍ମକ ସହଯୋଗକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ।ଏଥିସହ କାର୍ଯ୍ୟରତ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା, ସୁରକ୍ଷା ଏବଂ କଲ୍ୟାଣମୂଳକ ପଦକ୍ଷେପ ସମ୍ପର୍କରେ ମଧ୍ୟ ସଭାରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଙ୍ଘର ପ୍ରତିନିଧିମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।ପରେ ପରେ ଜୁନିଅର ଓ ସିନିଅର ବିଭାଗର ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଗୁରୁ ଡ.ଅରୁଣ କୁମାର ମିଶ୍ର,ଗୁରୁ ମିହିର ପଣ୍ଡା,ଗୁରୁ ରାଧାଶ୍ୟାମ ବେହେରା ଓ ବ୍ରଜବନ୍ଧୁବ ସାହୁ ବିଚାରକ ଭାବରେ କାର୍ଯ୍ୟ ତୁଲାଇ ଥିଲେ।ସାଂବାଦିକ ରାଜେଶ କୁମାର ପ୍ରଧାନ ମଞ୍ଚ ଆହ୍ୱାନ କରିଥିବା ବେଳେ ସାଂବାଦିକ ଗୋପବନ୍ଧୁ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସାଂବାଦିକ ମନୋଜ କୁମାର ଭୂୟାଁ,କବିତା ମାନ୍ଧାତା,ଅର୍ଜୁନ ସିଂହ,ବିଜୟ କୁମାର ପ୍ରଧାନ,ଅଶ୍ରୁମୋଚନ ଘୋଷ,ଆଲୋକ ଘଡ଼େଇ,ହସିରୁଦିନ ବକ୍ ପ୍ରମୁଖ ସାଂବାଦିକ ମାନେ ସହଯୋଗ କରିଥିଲେ।

ଓଡ଼ିଆ ଜ୍ଞାନ ବିକାଶ ,ଓଡ଼ିଆ ଭାଷାଜ୍ଞାନ, ବକ୍ତୃତା ଓ ସ୍ୱରଚିତ କବିତା ପାଠ ଉତ୍ସବ

ଦଶରଥପୁର,୧୫।୧୧(ନି.ପ୍ର) : ଦଶରଥପୁର ବ୍ଲକ ମଙ୍ଗଳପୁର ବଜାର ସ୍ଥିତ କବି ଅନନ୍ତସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦ ପକ୍ଷରୁ ତଥା ରଘୁକୁଳ ସୁଇଟ୍ସ ଆଣ୍ଡ ରେଷ୍ଟୁରାଣ୍ଟ,ମଙ୍ଗଳପୁର ପ୍ରାୟୋଜିତ ଓଡ଼ିଆ ଜ୍ଞାନ ବିକାଶ ,ଓଡ଼ିଆ ଭାଷାଜ୍ଞାନ,ବକ୍ତୃତା ଓ ସ୍ୱରଚିତ କବିତା ପାଠର ଏକ ବ୍ଲକ ସ୍ତରୀୟ ବାର୍ଷିକ ପ୍ରତିଯୋଗିତା ପ୍ରାଥମିକ ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଆଜି ଅନୁଷ୍ଠିତ ହୋଇଯାଇଛି। ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରଘୁକୁଳ ସୁଇଟ୍ସ ଆଣ୍ଡ ରେଷ୍ଟୁରାଣ୍ଟର ମୁଖ୍ୟ ପରିଚାଳକ ଜଗଦୀଶ ଶଙ୍କର ସାହୁ ଯୋଗଦେଇ ଉଦଘାଟନ କରିବା ସହ ଓଡ଼ିଆ ଜ୍ଞାନ ବିକାଶ ,ଓଡ଼ିଆ ଭାଷାଜ୍ଞାନ,ବକ୍ତୃତା ଓ ସ୍ୱରଚିତ କବିତା ପାଠରେ ଭାଗନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରିଥିଲେ। ୫୨ଟି ବିଦ୍ୟାଳୟ ଓ ୧୦ଟି ମହାବିଦ୍ୟାଳୟରୁ ୧୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପାଠାଗାର ସଭାପତି ସନାତନ ନାୟକ ଓ ସମ୍ପାଦକ ଶଶୀକାନ୍ତ ନାୟକଙ୍କ ସମେତ ପାଠାଗାର ର ସମସ୍ତ ସଭ୍ୟ,ସଭ୍ୟା ରେଜିଷ୍ଟ୍ରେସନ, ମୂଲ୍ୟାଙ୍କନ ଓ ପରିଚାଳନା କାର୍ଯ୍ୟରେ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସ୍ଥିର କରାଯାଇଛି।



ଅଭିଭାବକ ଛାତ୍ରୀ ଛାତ୍ର ସମ୍ମିଳନୀ ସହ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

ଚନ୍ଦ୍ରପୁର,୧୫।୧୧ (ନି.ସୂ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକର ବୁଡିବା। ଲି ପଞ୍ଚାୟତ ଅଧୀନ ନେହୁରୁପାଙ୍ଗା ଆଶ୍ରମ ବିଦ୍ୟାଳୟରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଅଭିଭାବକ ଛାତ୍ରୀ, ଛାତ୍ର ସମ୍ମିଳନୀ ସହ ବିର୍ସା ମୁଣ୍ଡା ଙ୍କ ୧୫୨, ତମ ଜୟନ୍ତୀ, ଏହାକୁ ବୁଡିବା। ଲି ପଞ୍ଚାୟତ ର ସରପଞ୍ଚ ତଥା ଏମପି, ପ୍ରତିନିଧି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭ ଉଦ୍ଘାଟନ କରିଥିଲେ, ଏଥିରେ ବିର୍ସା ମୁଣ୍ଡାଙ୍କ ଜୀବନୀ, ସମ୍ପର୍କରେ ବହୁ ମାନ୍ୟ ଗନ୍ୟ ଅତିଥି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ, ଅଭିଭାବକ, ଶିକ୍ଷକ, ଛାତ୍ରୀ ଛାତ୍ର ମାନଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରଖିବା ନେଇ ଆଲୋଚନା କରାଯାଇଥିଲା, ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ପ୍ରଧାନ ଶିକ୍ଷକ ଉତ୍ତରୀୟ ସହ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ଛାତ୍ରୀ, ଛାତ୍ର ମାନେ ଭଲ ପାଠ ପଢି ଉତ୍ତମ ନାଗରିକ ହେବା ପାଇ ବହୁ ଅଭିଭାବକ ପରା ମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଚନ୍ଦ୍ରପୁର ଷ୍ଟବଷ୍ଟବଳବକ୍ସସ ଗୋଷ୍ଠୀ ଶିକ୍ଷାଧିକାରୀ ଉମାକାନ୍ତ ମିଶାଲ, ପ୍ରଧାନ ଶିକ୍ଷକ ରାଜୁ ପାଲୋ, ଶି ଆର ସିଶୀ, ଅଶୋକ ଘଡ଼େଇ, ସାମାଜିକ କର୍ମୀ ବିଜୟ ଉଲାକା, ହଡ଼ିପା ଗୌଡ଼, ସ୍କୁଲ୍ ଉପ ସଭାପତି ଗାୟତ୍ରୀ ପ୍ରତିକା, ସଭ୍ୟ ମହେନ୍ଦ୍ର ପ୍ରତିକା, ମହିଳା ସ୍ୱାସ୍ଥ୍ୟ କର୍ମୀ ସଂଯୁକ୍ତା ଶବର, ଶିକ୍ଷକ ମୁନି ଶବର, ଅଶୋକ କାର୍ଜି, ସଭାପତି ପ୍ରସାଦ ଶାମୁକା, ଜଗନ୍ନାଥ ବାଗ ସମେତ ବହୁ ଅଭିଭାବକ ଛାତ୍ରୀ, ଛାତ୍ର ଉପସ୍ଥିତ ଥିଲେ, କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ଜଗନ୍ନାଥ ବାଗ ମଞ୍ଚ ପରିଚାଳନା କରିଥିଲେ ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଉର୍ତ୍ତିନ ଛାତ୍ରୀ, ଛାତ୍ର ମାନଙ୍କୁ ଟ୍ରଫି ଦେଇ ପୁରସ୍କୃତ, କରାଯାଇଥିଲା। ସେହିପରି, ବୁଡିବଳି ଆଶ୍ରମ ବିଦ୍ୟାଳୟ ରେ ମଧ୍ୟ ବିର୍ସା ମୁଣ୍ଡା ଜୟନ୍ତୀ ପାଳନ କରାଯାଇଥିଲା ।

ମରଣାନ୍ତକ ଆକ୍ରମଣରେ ୩ଗୁରୁତର

ଥାନାରେ ମାମଲା ରୁଜୁ , ପୋଲିସ ଚୁପ ହୋଇ ବସିଛି



କେନ୍ଦ୍ରାପଡ଼ା,୧୫।୧୧:କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଭରତପୁର ଗ୍ରାମରେ ଏକ ପରିବାର ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଗୋଟିଏ ପରିବାରର ତିନିଜଣ ସଦସ୍ୟ ଗୁରୁତର ଭାବେ ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଜୀବନମରଣ ସହ ସଂଗ୍ରାମ କରୁଛନ୍ତି। ଏହି ଘଟଣାରେ ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ ନକରି ଚୁପ୍ ବସିଥିବା ନେଇ ପୀଡ଼ିତ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଭରତପୁର ଗ୍ରାମର ଜନ୍ମେଜୟ ଦାସଙ୍କ ପତ୍ନୀ ରୂପବନ୍ୟା ଦାସ ଏନେଇ କେନ୍ଦ୍ରାପଡ଼ା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ଗ୍ରାମର ରାମଚନ୍ଦ୍ର ସାହୁ, ରଶ୍ମିରଞ୍ଜନ ସାହୁ, ଅମୀୟରଞ୍ଜନ ସାହୁ ଓ ମିନତୀ ସାହୁ ସଂଘବଦ୍ଧ ଭାବେ ଜନ୍ମେଜୟଙ୍କ ପରିବାର ଉପରେ ଆକ୍ରମଣ କରିଥିଲେ। ବିଶେଷ କରି ଅଭିଯୁକ୍ତ ରଶ୍ମିରଞ୍ଜନ ଏକ ଧାରୁଆ ଭୁଜାଲିରେ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରି ମୁଣ୍ଡ, କାନ୍ଧ ଓ ହାତକୁ ହାଣି ପକାଇଥିଲା। ଏହି ଅତର୍କିତ ଆକ୍ରମଣରେ ରୂପବନ୍ୟାଙ୍କ ଶ୍ୱଶୁର ମନୋଜ କୁମାର ଦାସ (୬୪), ଶାଶୁ ବାସନ୍ତୀ ଦାସ (୬୦) ଏବଂ ସ୍ୱାମୀ ଜନ୍ମେଜୟ ଦାସ (୩୦) ରକ୍ତାକ୍

ସୁଖ ଓ ଦୁଃଖର ମିଶ୍ରରେ ହିଁ ଜୀବନ ।
ସୁଖ ଦୁଃଖର ସନ୍ତୁଳନ ହିଁ ମଣିଷକୁ ସୁସ୍ଥ, ସୁନ୍ଦର ଆଉ ଅଭିଜ୍ଞ କରିତୋଳେ ।
ତାହାର ଆନୁପାତିକ ମୂଲ୍ୟାୟନ ସମ୍ଭବ ନୁହେଁ ।
ଆବଶ୍ୟକତା ବି ନୁହେଁ । ଯେତେବେଳେ ଯାହା
ଯେମିତି ଯେଉଁ ଅନୁପାତରେ ଆସୁଛି
ତାହା ଗ୍ରହଣ କରିବା ଉଚିତ୍ ।

ଗଣତନ୍ତ୍ରର ସୌନ୍ଦର୍ଯ୍ୟ ଓ ରାଜନୀତିର ସରଳତା



ଅସିତ ମହାନ୍ତି

ନ୍ୟୁଜିଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଜାସିଣ୍ଡା ଆର୍ଡର୍ଣ୍ଣ ସମ୍ପ୍ରତି ଅଷ୍ଟ୍ରେଲିଆର ସିଡନୀ ବିଶ୍ୱବିଦ୍ୟାଳୟରେ 'ଅଭ୍ୟାସ ପ୍ରଫେସର' ଭାବରେ ପଦ ଗ୍ରହଣ କରିଛନ୍ତି, ଯେଉଁଠାରେ ସେ ନେତୃତ୍ୱ, ସାମାଜିକ ବିଶ୍ୱାସ, ଜନସ୍ୱାସ୍ଥ୍ୟ ଏବଂ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ଭଳି ବିଷୟ ଉପରେ ଛାତ୍ର ଏବଂ ଗବେଷକଙ୍କ ସହିତ କାର୍ଯ୍ୟ କରିବେ। ବିଶ୍ୱବିଦ୍ୟାଳୟ ସ୍ପଷ୍ଟ କରିଛି ଯେ ଏହା ଏକ ପୂର୍ଣ୍ଣକାଳୀନ ରାଜନୈତିକ ପଦବୀ ନୁହେଁ, ବରଂ ଏକ ଶିକ୍ଷାଗତ ଏବଂ ବୌଦ୍ଧିକ ଭୂମିକା।

ଏହି ଖବର ପଢ଼ି ଭାରତରେ ଅନେକ ଲୋକ ସ୍ୱାଭାବିକ ଭାବରେ ଭାବୁଛନ୍ତି ଯେ ଆମେ ପୁଣି କେବେ ଏପରି ପରିସ୍ଥିତି ଦେଖିବୁ କି ? ଜଣେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ, ପଦ ଛାଡିବା ପରେ, ଜଣେ ବିଶ୍ୱବିଦ୍ୟାଳୟ ଶିକ୍ଷକ, ଗବେଷକ କିମ୍ବା ସମାଜସେବୀ ଭାବରେ ସାଧାରଣ ଜୀବନକୁ ଫେରିବେ କି ? ଜଣେ ନେତା, କ୍ଷମତା ଛାଡିବା ପରେ, କେବଳ ନିଜସ୍ୱ ଯୋଗ୍ୟତା ଏବଂ ଅଭିଜ୍ଞତାରେ ଜୀବିକା ଅର୍ଜନ କରିବାକୁ ଚେଷ୍ଟା କରିବେ କି ? ଏହି ପ୍ରଶ୍ନ କେବଳ ଜଣେ ବ୍ୟକ୍ତି ବିଷୟରେ ନୁହେଁ, ବରଂ ଦୁଇଟି ଭିନ୍ନ ରାଜନୈତିକ ସଂସ୍କୃତି ବିଷୟରେ।

ଜାସିଣ୍ଡା ଆର୍ଡର୍ଣ୍ଣଙ୍କ ଉଦାହରଣ ଗୁରୁତ୍ୱପୂର୍ଣ୍ଣ କାରଣ ସେ କାମ କରୁଛନ୍ତି ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେ ଏହି ବାର୍ତ୍ତା ଦେଉଛନ୍ତି ଯେ ରାଜନୀତି ଜୀବନବ୍ୟାପୀ ସୁବିଧା ନୁହେଁ, ବରଂ ଏକ ସୀମିତ ସମୟ ପାଇଁ ସାର୍ବଜନୀନ ସେବା। କ୍ଷମତା ଛାଡିବା ପରେ, ଜଣେ ବ୍ୟକ୍ତି ଯେଉଁ ସମାଜରେ ଥରେ ସେବା କରୁଥିଲେ ସେହି ସମାଜର ଜଣେ ସାଧାରଣ ନାଗରିକ ହୋଇଯାଆନ୍ତି। ଏହି ମାନସିକତା ଗଣତନ୍ତ୍ରକୁ ମଜବୁତ କରେ କାରଣ ଏହା ରାଜନୀତିକୁ ଏକ ବୃତ୍ତି ନୁହେଁ, ଏକ ଦାୟିତ୍ୱ କରିଥାଏ। ନ୍ୟୁଜିଲ୍ୟାଣ୍ଡ ଭଳି ଦେଶର ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ହେଉଛି ଯେ ଅନୁଷ୍ଠାନଗୁଡ଼ିକ ବ୍ୟକ୍ତି ଅପେକ୍ଷା ଅଧିକ ଶକ୍ତିଶାଳୀ। ଜଣେ ନେତାଙ୍କ ପରିଚୟ ତାଙ୍କ ପଦବୀ ଦ୍ୱାରା ନୁହେଁ, ବରଂ ତାଙ୍କ କାର୍ଯ୍ୟ ଦ୍ୱାରା ନିର୍ଣ୍ଣୟ କରାଯାଏ। ଯଦି ଜଣେ ପ୍ରଧାନମନ୍ତ୍ରୀ ପଦବୀ ଛାଡିଦିଅନ୍ତି, ତେବେ ତାଙ୍କ ଜୀବନର ସମସ୍ତ ସୁବିଧା ସ୍ଥାୟୀ ଭାବରେ ସୁରକ୍ଷିତ ହୁଏ ନାହିଁ। ସେମାନଙ୍କୁ ମଧ୍ୟ ଭବିଷ୍ୟତ ଜୀବନ ଗଠନ ପାଇଁ ସେମାନଙ୍କର ଅଭିଜ୍ଞତା, ଜ୍ଞାନ ଏବଂ ଦକ୍ଷତାକୁ ବ୍ୟବହାର କରିବାକୁ ପଡିବ। ରାଜନୀତିରେ ଏପରି କୌଣସି 'ନିବେଶ' ନାହିଁ ଯାହା ଆଗାମୀ ତିନି ପିଢ଼ି ପାଇଁ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବ।

ଭାରତର ପରିସ୍ଥିତି କିଛି ଭିନ୍ନ ଦେଖାଯାଉଛି। ଏଠାରେ, ରାଜନୀତି ଧୀରେ ଧୀରେ ସାର୍ବଜନୀନ ସେବାରୁ କ୍ଷମତା, ପ୍ରତିଷ୍ଠା ଏବଂ ସମ୍ବଳ ଉପରେ ଧ୍ୟାନ କେନ୍ଦ୍ରିତ ହୋଇଛି। ଜଣେ ବ୍ୟକ୍ତି ଏକ ଉଚ୍ଚ ରାଜନୈତିକ ପଦବୀରେ ପହଞ୍ଚିବା ପରେ, ତାଙ୍କ ପାଇଁ ପ୍ରଭାବ ଏବଂ ସୁବିଧାର ଅନେକ ଦ୍ୱାର ଖୋଲିଯାଏ। କେତେକ ସମୟରେ, ରାଜନୀତି କେବଳ ଜଣେ ବ୍ୟକ୍ତିଙ୍କ ମଧ୍ୟରେ ସୀମିତ ନଥାଏ, ବରଂ ସମଗ୍ର ପରିବାର ରାଜନୈତିକ ଐତିହ୍ୟର ଅଂଶ ହୋଇଯାଏ। ପିତାଙ୍କ ପରେ, ପୁଅ, ଝିଅ, ସ୍ତ୍ରୀ, ଭଣଜା କିମ୍ବା ଅନ୍ୟ ସମ୍ପର୍କୀୟ ରାଜନୀତିରେ ପ୍ରବେଶ କରନ୍ତି। ଗଣତନ୍ତ୍ର ଭିତରେ ଏକ ପ୍ରକାର ରାଜନୈତିକ ବଂଶ ବିକଶିତ ହୁଏ। ଏହା କେବଳ ନେତାମାନଙ୍କର ଦୋଷ ନୁହେଁ। ସମାଜ ମଧ୍ୟ ଆଂଶିକ ଭାବରେ ଦାୟୀ। ଭାରତରେ, ଆମେ ପ୍ରାୟତଃ ବ୍ୟକ୍ତିତ୍ୱ ସମ୍ପ୍ରଦାୟର ଶିକାର ହୋଇଥାଉ। ଆମେ ଅନୁଷ୍ଠାନ ଅପେକ୍ଷା ନେତାଙ୍କୁ ଅଧିକ ମୂଲ୍ୟ ଦେଉ। ଆମେ ଜଣେ ନେତାଙ୍କୁ ଏପରି ସ୍ତରକୁ ଉନ୍ନୀତ କରୁ ଯେ ସେମାନେ ଗଣତାନ୍ତ୍ରିକ ଦାୟିତ୍ୱବୋଧତାଠାରୁ ଊର୍ଦ୍ଧ୍ୱରେ ଦେଖାଯାଆନ୍ତି। ଫଳସ୍ୱରୂପ ରାଜନୀତି ସେବା ବଦଳରେ ସ୍ଥାୟୀ କ୍ଷମତାର ଏକ ମାଧ୍ୟମ ହୋଇଯାଏ।

ବିଶ୍ୱର ବିକଶିତ ଗଣତନ୍ତ୍ରରେ, ରାଜନୀତି ଏବଂ ବ୍ୟକ୍ତିଗତ ଜୀବନ ମଧ୍ୟରେ ଏକ ସୁସ୍ଥ ଦୂରତା ପରିଲକ୍ଷିତ ହୁଏ। ସେଠାରେ, ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ପାଇଁ ଏକ ବିଶ୍ୱବିଦ୍ୟାଳୟରେ ପାଠପଢ଼ା, ଏକ ପୁସ୍ତକ ଲେଖିବା, ଏକ ସଂଗଠନର ପରାମର୍ଶଦାତା ଭାବରେ କାର୍ଯ୍ୟ କରିବା କିମ୍ବା ସାମାଜିକ ଅଭିଯାନରେ ଅଂଶଗ୍ରହଣ କରିବା ସାଧାରଣ କଥା। ତଥାପି, ଭାରତରେ, ପ୍ରାୟତଃ ଆଶା କରାଯାଏ ଯେ ଜଣେ ବ୍ୟକ୍ତି ପଦ ଛାଡିବା ପରେ ମଧ୍ୟ ସମାନ ସ୍ତରର ସରକାରୀ ସୁବିଧା, ସୁରକ୍ଷା ଏବଂ ପ୍ରଭାବ ଉପଭୋଗ କରିଚାଲିବେ। ଏହି ଧାରା ଗଣତନ୍ତ୍ରର ମୌଳିକ ଆତ୍ମାର ବିପରୀତ। ଏହାର ଅର୍ଥ ନୁହେଁ ଯେ ସମସ୍ତ ଭାରତୀୟ ନେତା ଭୁଲ କିମ୍ବା ସମସ୍ତ ନ୍ୟୁଜିଲ୍ୟାଣ୍ଡ ନେତା ଆଦର୍ଶ। ପ୍ରତ୍ୟେକ ଦେଶର ନିଜସ୍ୱ ପରିସ୍ଥିତି ଅଛି। କିନ୍ତୁ କିଛି ମୌଳିକ ପ୍ରଶ୍ନ ବିଚାର କରିବାକୁ ପଡିବ। ରାଜନୀତି କାହିଁକି ଜୀବନବ୍ୟାପୀ ଆର୍ଥିକ ସୁରକ୍ଷାର ଏକ ମାଧ୍ୟମ ପାଲଟିଛି ? କାହିଁକି ସାର୍ବଜନୀନ ପଦବୀକୁ ସମାଜରେ ସାମାଜିକ ଏବଂ ଆର୍ଥିକ ପ୍ରଗତି ପାଇଁ ଦ୍ରୁତତମ ମାଧ୍ୟମ ଭାବରେ ବିବେଚନା କରାଯାଏ ? ସାଧାରଣ ନାଗରିକ ଏବଂ ଜନପ୍ରତିନିଧିଙ୍କ ଜୀବନଧାରଣ ମାନ ମଧ୍ୟରେ ଏତେ ବଡ଼ ପାର୍ଥକ୍ୟ ଅଛି ?

ଗଣତନ୍ତ୍ରର ସଫଳତା କେବଳ ନିର୍ବାଚନ ଆୟୋଜନରେ ନାହିଁ। ଗଣତନ୍ତ୍ରର ପ୍ରକୃତ ସଫଳତା ହେଉଛି ଜନତା ଏବଂ ସେମାନଙ୍କ ପ୍ରତିନିଧିଙ୍କ ମଧ୍ୟରେ କେତେ କମ୍ ଦୂରତା ଅଛି। ଯଦି ଜଣେ ନେତା ଲୋକଙ୍କ ପରି ଜୀବନଯାପନ କରନ୍ତି, ଲୋକଙ୍କ ପରି ସଂଘର୍ଷ କରନ୍ତି ଏବଂ ଲୋକଙ୍କ ପରି ନିୟମ ପାଳନ କରନ୍ତି, ତେବେ ଗଣତନ୍ତ୍ର ବଞ୍ଚି ରହେ। ତଥାପି, ଯଦି ନେତାମାନେ ଧୀରେ ଧୀରେ ଏକ ବିଶେଷ ଶ୍ରେଣୀରେ ପରିଣତ ହୁଅନ୍ତି, ବିଶେଷ ଅଧିକାର ଏବଂ ସୁଯୋଗ ସାଧାରଣ ଲୋକଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ, ତେବେ ଗଣତନ୍ତ୍ରର ସନ୍ତୁଳନ ଖରାପ ହେବା ଆରମ୍ଭ ହୁଏ। ଜାସିଣ୍ଡା ଆର୍ଡର୍ଣ୍ଣଙ୍କ ଉଦାହରଣରୁ ସବୁଠାରୁ ବଡ଼ ଶିକ୍ଷା ହେଉଛି ସରଳତା ଏବଂ ଦାୟିତ୍ୱ। ସେ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ପଦବୀ ମଧ୍ୟରୁ ଗୋଟିଏରେ ରହିଥିଲେ, ତଥାପି ଆଜି ସେ ଶିକ୍ଷା ଏବଂ ସମାଜ କ୍ଷେତ୍ରରେ ତାଙ୍କର ଅଭିଜ୍ଞତାକୁ ବ୍ୟବହାର କରୁଛନ୍ତି। ଏହା ବାଧ୍ୟତାର ସଙ୍କେତ ନୁହେଁ, ବରଂ ଗଣତାନ୍ତ୍ରିକ ସଂସ୍କୃତିର ପ୍ରତୀକ। ଏହା ଦର୍ଶାଏ ଯେ ଜଣେ ବ୍ୟକ୍ତି ତାଙ୍କ ପଦବୀଠାରୁ ବଡ଼ ନୁହେଁ। ପଦବୀ ଶେଷ ହୋଇପାରେ, କିନ୍ତୁ ଜ୍ଞାନ, ଅଭିଜ୍ଞତା ଏବଂ ସେବାର ମନୋଭାବ ରହିଛି।

ଭାରତରେ ମଧ୍ୟ ଅନେକ ସଚ୍ଚୋଟ ଏବଂ ସରଳ ନେତା ଅଛନ୍ତି। ଲାଲ ବାହାଦୁର ଶାସ୍ତ୍ରୀଙ୍କ ନାମ ଏବେ ବି ପୂଜ୍ୟ କାରଣ ସେ ସରଳତାକୁ ଜୀବନଶୈଳୀ ଭାବରେ ଗ୍ରହଣ କରିଥିଲେ। ଅନ୍ୟ ଅନେକ ନେତା ମଧ୍ୟ ଜନସେବାର ମାନଦଣ୍ଡ ସ୍ଥିର କରିଥିଲେ। ସମସ୍ୟା ହେଉଛି ଏପରି ଉଦାହରଣ ଧୀରେ ଧୀରେ ବ୍ୟତିକ୍ରମ ହୋଇଗଲା, ଏବଂ ରାଜନୀତି ଉପରେ ଟଙ୍କା, ପ୍ରଚାର ଏବଂ ନିର୍ବାଚନୀ ପ୍ରତିଯୋଗିତାର ଚାପ ବୃଦ୍ଧି ପାଇଲା।

ଆଜିର ଆବଶ୍ୟକତା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମାଲୋଚନା କରିବା ନୁହେଁ। ରାଜନୀତିକୁ ପୁଣି ଥରେ ସେବାର ମାଧ୍ୟମ କରାଯାଇପାରିବ କି ନାହିଁ ତାହା ବିଚାର କରିବାର ଆବଶ୍ୟକତା। ରାଜନୈତିକ ଦଳ ମଧ୍ୟରେ ଗଣତନ୍ତ୍ରକୁ ସୁଦୃଢ଼ କରାଯାଇପାରିବ କି ? ରାଜନୈତିକ ପରିବାରବାଦକୁ ସୀମିତ କରାଯାଇପାରିବ କି ? ନେତାମାନଙ୍କ ସୁବିଧା ଏବଂ ଦାୟିତ୍ୱ ମଧ୍ୟରେ ସନ୍ତୁଳନ ରକ୍ଷା କରାଯାଇପାରିବ କି ? ପଦ ଛାଡିବା ପରେ ସାର୍ବଜନୀନ ଜୀବନ ପାଇଁ ନୂତନ ମାନଦଣ୍ଡ ସ୍ଥିର କରାଯାଇପାରିବ କି ? ଯଦି ଏହି ପ୍ରଶ୍ନଗୁଡ଼ିକୁ ଗମ୍ଭୀରତାର ସହିତ ଆଲୋଚନା କରାଯାଏ, ତେବେ ଗଣତନ୍ତ୍ର ଆହୁରି ମଜବୁତ ହେବ। କାରଣ ଯେକୌଣସି ଗଣତନ୍ତ୍ରର ପ୍ରକୃତ ଶକ୍ତି ଏହାର ନାଗରିକମାନଙ୍କ ପାଖରେ ଥାଏ, ନେତାମାନଙ୍କ ପାଖରେ ନୁହେଁ। ନେତାମାନେ ଆସନ୍ତି ଏବଂ ଯାଆନ୍ତି, କିନ୍ତୁ ଦେଶ ଏବଂ ଏହାର ଅନୁଷ୍ଠାନଗୁଡ଼ିକ ସ୍ଥାୟୀ ରୁହନ୍ତି। ଜାସିଣ୍ଡା ଆର୍ଡର୍ଣ୍ଣଙ୍କ ନୂତନ ଭୂମିକା ଆମକୁ ଶିକ୍ଷା ଦିଏ ଯେ କ୍ଷମତା ଜୀବନର ଚୂଡ଼ାନ୍ତ ଲକ୍ଷ୍ୟ ହେବା ଉଚିତ୍ ନୁହେଁ। ପ୍ରକୃତ ସମ୍ମାନ ପଦବୀରେ ନୁହେଁ, ବରଂ ସେହି ଚରିତ୍ରରେ ଅଛି ଯାହା ପଦ ଛାଡିବା ପରେ ମଧ୍ୟ ସମାଜ ପାଇଁ ଉପଯୋଗୀ ରହିଥାଏ। ଜଣେ ପ୍ରକୃତ ଜନନେତା ହେଉଛନ୍ତି ଯିଏ ପଦରେ ଥିବା ସମୟରେ ଲୋକଙ୍କ ସେବା କରନ୍ତି ଏବଂ ପଦ ଛାଡିବା ପରେ ମଧ୍ୟ ସମାଜର ଶିକ୍ଷକ ହୋଇ ରହନ୍ତି।

ହୁଏତ ଭାରତକୁ ମଧ୍ୟ ଏହି ଦିଗରେ ଚିନ୍ତା କରିବା ଆବଶ୍ୟକ। ଯେତେବେଳେ ନେତାମାନେ ସୁବିଧା ନୁହେଁ, ଦାୟିତ୍ୱର ଭାଷା କୁହନ୍ତି ସେତେବେଳେ ଗଣତନ୍ତ୍ରକୁ ପରିପକ୍ୱ ବୋଲି ବିବେଚନା କରାଯାଏ। ଯେତେବେଳେ ରାଜନୀତି ଟଙ୍କା ରୋଜଗାରର ସହଜ ପଥ ହୋଇନଥାଏ, ବରଂ ସମାଜକୁ ଉନ୍ନତ କରିବାର କଷ୍ଟକର ପଥ ହୋଇଯାଏ। ଏବଂ ଯେତେବେଳେ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀ କିମ୍ବା ମନ୍ତ୍ରୀ ଜଣେ ସାଧାରଣ ନାଗରିକ ପରି ଜୀବନଯାପନ କରନ୍ତି, ସେମାନଙ୍କର ଜ୍ଞାନ ଏବଂ କଠିନ ପରିଶ୍ରମ ଉପରେ ଆଧାରିତ, ସେମାନେ କେବଳ ନିଜର ସମ୍ମାନ ବୃଦ୍ଧି କରନ୍ତି ନାହିଁ ବରଂ ଗଣତନ୍ତ୍ରର ମର୍ଯ୍ୟାଦା ମଧ୍ୟ ବୃଦ୍ଧି କରନ୍ତି।

ସୁଜନପୁର, ଯାଜପୁର
୯୪୩୭୨୮୦୨୮

ଖୁସିରେ ଗଦ୍‌ଗଦ୍ ପଳାତକ ଲଳିତ ମୋଦି

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ପ୍ରତିଷ୍ଠାତା ଲଳିତ ମୋଦି ଶନିବାର ଏକ ବଡ଼ ଘୋଷଣା କରିଛନ୍ତି। ତାଙ୍କୁ ଆନୁଷ୍ଠାନିକ ଭାବେ ବ୍ରିଟିଶ ନାଗରିକତା ମିଳିଥିବା ସେ ସୂଚନା ଦେଇଛନ୍ତି। ବ୍ରିଟେନର ପ୍ରତିଷ୍ଠିତ 'ଅକ୍ସଫୋର୍ଡ ୟୁନିଅନ୍'ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହି ସୂଚନା ଶେୟାର କରିଛନ୍ତି। ଭାରତର ଏହି ପଳାତକ ବ୍ୟବସାୟୀ ଏହାକୁ ନିଜ ଜୀବନର ଏକ ଅତ୍ୟନ୍ତ ଭାବପ୍ରବଣ, ବ୍ୟକ୍ତିଗତ ଏବଂ ଗର୍ବଭରା 'ନୂଆ ଅଧ୍ୟାୟ' ବୋଲି ବର୍ଣ୍ଣନା କରିଛନ୍ତି।

ଅକ୍ସଫୋର୍ଡ ୟୁନିଅନ୍ ମଞ୍ଚରେ ଏବଂ ପରେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' (ପୂର୍ବର ଟ୍ୱିଟର)ରେ ଏକ ପୋଷ୍ଟ କରି ଲଳିତ ମୋଦି ଜଣାଇଛନ୍ତି ଯେ ନାଗରିକତା ପ୍ରକ୍ରିୟା ୧୫ ସେପ୍ଟେମ୍ବର ୨୦୨୬ରେ ଶେଷ ହୋଇଥିଲା। ସେହି ଦିନ ସେ ନିଜ ପରିବାର ଏବଂ ଘନିଷ୍ଠ ବନ୍ଧୁମାନଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ନାଗରିକତା ସମାରୋହରେ ଏହି ସଫଳତାର ଉତ୍ସବ ମନାଇଥିଲେ, ଯାହା ତାଙ୍କ ହୃଦୟର ଖୁବ୍ ନିକଟତର ବୋଲି ସେ କହିଛନ୍ତି।

ଦୀର୍ଘ ବର୍ଷ ଧରି ୟୁନାଇଟେଡ୍ କିଙ୍ଗଡମ୍)ରେ ରହିଆସୁଥିବା ଲଳିତ ମୋଦି ଏହି ଦେଶ ପ୍ରତି ନିଜର କୃତଜ୍ଞତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବ୍ରିଟେନ୍ ଦୀର୍ଘ ସମୟ ଧରି ତାଙ୍କର ଘର ହୋଇରହିଛି ଏବଂ ସେ ଏଠାକାର ଲୋକ, ଅନୁଷ୍ଠାନ, ପରମ୍ପରା ଓ ମୂଲ୍ୟବୋଧକୁ ଗଭୀର ସମ୍ମାନ ଦିଅନ୍ତି। ତାଙ୍କ ମତରେ, ବ୍ରିଟିଶ ନାଗରିକ ହେବା କେବଳ ଏକ ବିଶେଷାଧିକାର ନୁହେଁ, ବରଂ ଏକ ବଡ଼ ଦାୟିତ୍ୱ ମଧ୍ୟ, ଯାହାକୁ ସେ ସମ୍ପୂର୍ଣ୍ଣ ଗର୍ବ ଏବଂ ଆପଣାର ଭାବନାର ସହ ଗ୍ରହଣ କରୁଛନ୍ତି। ବିଭିନ୍ନ ସଂସ୍କୃତି ଏବଂ ଅନୁଭୂତିରେ ଭରା ନିଜର ଏଯାବତ୍ ଯାତ୍ରାକୁ ମନେପକାଇ ଲଳିତ ମୋଦି କହିଛନ୍ତି ଯେ, ଯେଉଁ ଦେଶକୁ ସେ ଏବେ ଗର୍ବର ସହ ନିଜ ଘର ବୋଲି କହୁଛନ୍ତି, ତାହାର ପ୍ରଗତିରେ ସକାରାତ୍ମକ ଯୋଗଦାନ ଜାରି ରଖିବାକୁ ସେ ଉତ୍ସୁକ ଅଛନ୍ତି। ଏହି ସ୍ମରଣୀୟ ଯାତ୍ରାରେ ସାଥ୍ ଦେଇଥିବାରୁ ସେ ନିଜ ପରିବାର, ବନ୍ଧୁବର୍ଗ ଏବଂ ଏହି ଖାସ୍ ଖବରକୁ ଦୁନିଆ ସାମ୍ନାରେ ରଖିବାକୁ ମଞ୍ଚ ଦେଇଥିବାରୁ ଅକ୍ସଫୋର୍ଡ ୟୁନିଅନକୁ ଧନ୍ୟବାଦ ଜଣାଇଛନ୍ତି। ଏହି ଘୋଷଣାର ସମୟକୁ ନେଇ ମଧ୍ୟ ଲଳିତ ମୋଦି ନିଜର ଖୁସି ବ୍ୟକ୍ତ କରିଛନ୍ତି।

ଦ୍ୱନ୍ଦ

ଅନୀତା ପଟ୍ଟନାୟକ

ଦିନେ ରୂପ ଓ ଗୁଣ ମଧ୍ୟରେ ପ୍ରବଳ ଦ୍ୱନ୍ଦ ଦେଖାଗଲା। ପରସ୍ପର ନିଜ ନିଜର ବଡ଼ିମା ଦେଖାଇବାକୁ ଲାଗିଲେ। ଆପୋଷ ସମାଧାନ ପାଇଁ ସେମାନେ ଜଣେ ସାଧୁଙ୍କ ନିକଟକୁ ଯାଇ ଏହାର ସଠିକ ଉତ୍ତର ନିର୍ଣ୍ଣୟ କରିବେ ବୋଲି ସ୍ଥିର କଲେ। ସାଧୁ ଦିନ ସ୍ଥିର କରି ଉଭୟଙ୍କର ପକ୍ଷ ରଖିବା ପାଇଁ କହିଲେ।

ରୂପ ନିଜର ପକ୍ଷ ରଖି କହିଲା ଭଗବାନଙ୍କୁ ନିତ୍ୟ ସୁନ୍ଦର କୁହାଯାଏ। ତେଣୁ ଯାହାର ରୂପ ନାହିଁ ତାର ଜୀବନରେ ମୂଲ୍ୟ ନାହିଁ। ବ୍ୟକ୍ତି ପାଖରେ ଅନେକ ସୁଗୁଣ ଥିଲେ ମଧ୍ୟ ରୂପ ନଥିଲେ ତାକୁ ଅସୁନ୍ଦର କହି କେହି ତା'ସହିତ ମିଶିବାକୁ ଇଚ୍ଛୁକ ହୁଅନ୍ତି ନାହିଁ ତେଣୁ ଗୁଣ କିଛି ନୁହେଁ ରୂପ ହିଁ ସର୍ବଶ୍ରେଷ୍ଠ। ଏଥର ପଢ଼ିଲା ଗୁଣର ପାଳି। ଗୁଣ କହିଲା ସେ ସଂସାର ପାଇଁ ଅପରିହାର୍ଯ୍ୟ। ରୂପ ସଂସାର ପାଇଁ ଅପରିହାର୍ଯ୍ୟ ନୁହେଁ। ମଣିଷର ଜୀବନ ଶେଷ ହେବା ସହିତ ତାର ରୂପ ମଧ୍ୟ ଶ୍ମଶାନରେ ଶେଷ ହୋଇଯାଇଥାଏ। ନିଆଁ ରୂପକୁ ପାଉଁଶ କରିଦିଏ। ହେଲେ ଗୁଣକୁ ନିଆଁ ଛୁଇଁ ପାରେ ନାହିଁ। ମଣିଷର ଗୁଣ ସର୍ବଦା ସବୁ ସମୟରେ ଜାଜ୍ୱଲ୍ୟମାନ ହୋଇଥାଏ। ତାର ଜୀବନ ଓ ମୃତ୍ୟୁ ସହ କୌଣସି ସମ୍ପର୍କ ନାହିଁ।

ଏଥର ପୁଣି ପଢ଼ିଲା ରୂପର ପାଳି। ସେ କହିଲା ସୌନ୍ଦର୍ଯ୍ୟ ବିନା ମଣିଷ ମଧ୍ୟରେ ଭଲ ଗୁଣ ଥିଲେ ମଧ୍ୟ ଲୋକେ ତାକୁ ନିମ୍ନ ଚକ୍ଷୁରେ ଦେଖନ୍ତି। ବେଳେ ବେଳେ ରୂପ ନଥିଲେ ରାଷ୍ଟ୍ରପତି ପଦ ମଧ୍ୟ ମଳିନ ଦେଖାଯାଏ। ଲୋକେ ରୂପ ନଥିଲେ ହସନ୍ତି। ଗୁଣକୁ ଚିହ୍ନିବାକୁ ଡେରି ହୋଇଥାଏ। ରୂପକୁ ଚିହ୍ନିବାରେ କିନ୍ତୁ ଡେରି ହୋଇନଥାଏ।

ଏଥର ପଢ଼ିଲା ଗୁଣର ପାଳି, ସେ କହିଲା ଯେ ଏକଥା ସତ୍ୟ ଯେ ରୂପ ନଥିଲେ ରାଷ୍ଟ୍ରପତି ପଦ ପ୍ରଥମେ ପ୍ରଥମେ ମଳିନ ଦେଖାଯାଏ। କିନ୍ତୁ ପରେ ଗୁଣ ବିକଶିତ ହେବାପରେ ରୂପ ବିଷୟରେ ଆଉ ଆଲୋଚନା କରନ୍ତି ନାହିଁ। ଏହାଛଡ଼ା ମଧ୍ୟ ରୂପ ଜାଣିରଖିବା ଦରକାର ଯେ ଭଗବାନଙ୍କୁ ନିତ୍ୟ ସୁନ୍ଦର କୁହାଯାଏ କାରଣ ସେ ଅଣୁଠାରୁ ମଧ୍ୟ ଛୋଟ ହୋଇପାରନ୍ତି ଓ ଦରକାର ସମୟରେ ବଡ଼ରୁ ମଧ୍ୟ ବଡ଼ ହୋଇପାରନ୍ତି। ତାଙ୍କ ମଧ୍ୟରେ ସୁନ୍ଦର ଓ ଅସୁନ୍ଦର ମଧ୍ୟରେ କୌଣସି ପାର୍ଥକ୍ୟ ନଥାଏ ରେ ରୂପକୁ ଗୁରୁତ୍ୱ ଦିଅନ୍ତି ନାହିଁ।

ଏଥର ରୂପର ପାଳି ପଡ଼ିଲା। ସେ କହିଲା ଗୁଣ କହୁଥିବା ଅନୁସାରେ ଯଦି ରୂପର କୌଣସି ମୂଲ୍ୟନାହିଁ ତେବେ ଭଗବାନ କେତେକଙ୍କୁ ସୁନ୍ଦରରୂପ କାହିଁକି ଦେଇଛନ୍ତି। ରୂପ ପଛରେ ସମସ୍ତେ ଗୋଡ଼ାନ୍ତି। କଥାରେ କୁହନ୍ତି ସୁନ୍ଦର ତୃପ୍ତିର ଅବସାଦ ନାହିଁ ଯେତେ ଦେଖୁଥିଲେ ନୂଆ ଦିଶୁଥାଏ। ରୂପ କଥା ଶୁଣି ଗୁଣ କହିଲା, ହିରାକୁ ଯେପରି ପଥରରୁ ମୁକ୍ତ କରାଯାଏ, ମଣିଷ ଦେହରୁ ସେ ରୂପବାନ ହେଉ ବା ନ ହେଉ ତା ଦେହରୁ ଅବିଦ୍ୟା, ଅସତ୍ୟ ଅଧର୍ମ ରୂପକ ପଥର କାଢ଼ିବାକୁ ହୁଏ। ମଣିଷ ଏହା ପରେ ହିଁ ହିରା ସଦୃଶ୍ୟ ଜାଜ୍ୱଲ୍ୟମାନ ରୂପ ନିଏ। ସେ ରୂପର ମୂଲ୍ୟ କ'ଣ ? ଯେ ହିଂସା, ଦ୍ୱେଷ, କାମ, କ୍ରୋଧ, ଲୋଭ, ମୋହ, ମାତ୍ସର୍ଯ୍ୟକୁ ତ୍ୟାଗ କରିନାହିଁ। ସେପରି ରୂପକୁ ଘରେ ଅସୁର, ଅସୁରୁଣୀ ଓ ବାହାରେ ସାଧୁ ସାଧ୍ୱୀ ବୋଲି ଦେଖାଯାଇପାରେ। ଏପରି ରୂପ ଏକ ଦୁଃଖଦ ଘଟଣା। ତା' କଥା ଶୁଣି ରୂପ କହିଲା ହିମାଳୟ ଧବଳ ରଙ୍ଗର ତାର ରୂପ ଖୁବ ସୁନ୍ଦର। ତା'ର ଉଚ୍ଚତର ସୋପାନ କୈଳାଶ ନାମରେ ଖ୍ୟାତ। ଯେଉଁଠାରେ ଶିବ ବିରାଜମାନ। ତମ ଓ ରଜଗୁଣ ସେଠାରେ ନଥାଏ। ଗୁଣ କହିଲା ରୂପ ଏକ ବାରମାସୀ ଚଢ଼େଇ ପରି ସେ ତା' ରଙ୍ଗ ବଦଳାଉ ଥାଏ। ମତେ ଲୁଚାଇ କୌଣସି କଥା କହିବା ଜଣାନାହିଁ। ଏହାଠିକ ଯେ ହିମାଳୟର ରଙ୍ଗଧଳା ସେଠାରେ ତମ ଓ ରଜ ଗୁଣ ନଥାଏ। କିନ୍ତୁ ସତ୍ତ୍ୱଗୁଣ ଥିବାରୁ ଧବଳ ଓ ରୂପବାନ ହୋଇଥାଏ। ଗୁଣକୁ ସାଧନା ଦ୍ୱାରା ବିକଶିତ କରିବାକୁ ପଡ଼ିଥାଏ। ଗୁଣ ବିକଶିତ ହେଲେ ଆତ୍ମାନନ୍ଦ ପ୍ରାପ୍ତି ମଧ୍ୟ ହୋଇପାରିଥାଏ। ରୂପ ସ୍ୱ

ଶ୍ରୀଗଙ୍ଗାନଗର ରେଳଧାରଣା ବ୍ଲାଷ୍ଟ ଘଟଣାରେ ୨ ଗିରଫ


ପାକିସ୍ତାନ ଆତଙ୍କୀଙ୍କ ସହ ଥିଲା ଲିଙ୍କ

ରାଜସ୍ଥାନ,୧୫।୧୧: ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ଗତ ନଭେମ୍ବର ୩ ତାରିଖରେ ରେଳଧାରଣାରେ ହୋଇଥିବା ବିସ୍ଫୋରଣ ମାମଲାରେ ଏକ ବଡ଼ ଖୁଲାସା ହୋଇଛି । ଏହି ଘଟଣାରେ ପାକିସ୍ତାନର ସମ୍ପୃକ୍ତି ଏବଂ ଏକ ବଡ଼ ଆତଙ୍କବାଦୀ ଷଡ଼ଯନ୍ତ୍ର ସାମ୍ନାକୁ ଆସିଛି ।

ପୋଲିସର ସୂଚନାନୁସାରେ, ଏହା କୌଣସି ସାମାନ୍ୟ ବିସ୍ଫୋରଣ ନଥିଲା, ବରଂ ପାକିସ୍ତାନର ଗୁପ୍ତଚର ସଂସ୍ଥା ଆଇଏସଆଇର ଇଙ୍ଗିତରେ କରାଯାଇଥିବା ଏକ ଆତଙ୍କବାଦୀ ଆକ୍ରମଣ ଥିଲା । ଏହି ମାମଲାରେ ରାଜସ୍ଥାନ ଏଟିଏସ୍ ଏବଂ ଶ୍ରୀଗଙ୍ଗାନଗର ପୁଲିସର ମିଳିତ ଟିମ୍ ପଞ୍ଜାବ ପୁଲିସର ସହଯୋଗରେ ଗୁରୁଦାସପୁରରୁ ଦୁଇ ଜଣ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଜଣେ ମହିଳା ମଧ୍ୟ ଅଛନ୍ତି ।

ପଞ୍ଜାବର ଗୁରୁଦାସପୁରରୁ ୨୧ ବର୍ଷୀୟା ମହକଦୀପ କୌର ଏବଂ ୨୨ ବର୍ଷୀୟ ଦବିନ୍ଦର ସିଂହଙ୍କୁ ଗିରଫ କରାଯାଇଛି । ଉଭୟ ଗୁରୁଦାସପୁର ଜିଲ୍ଲାର ବାସିନ୍ଦା ଏବଂ ଲିଭ୍-ଇନ୍ ରିଲେସନସିପ୍‌ରେ ରହୁଥିଲେ । ପୁଲିସ କହିବାନୁସାରେ, ମହକଦୀପ ନିଜ ସ୍ୱାମୀଙ୍କଠାରୁ ଅଲଗା ରହୁଥିଲେ ଏବଂ ତାଙ୍କ ସ୍ୱାମୀ ନିଶା କାରବାର ଅଭିଯୋଗରେ ଜେଲରେ ଅଛନ୍ତି । ଉଭୟଙ୍କୁ ଶନିବାର ସନ୍ଧ୍ୟାରେ ଗୁରୁଦାସପୁରରୁ ଗିରଫ କରାଯାଇ ଶ୍ରୀଗଙ୍ଗାନଗର ଅଣାଯାଇଛି, ଯେଉଁଠାରେ ସେମାନଙ୍କୁ ପଚରାଉଚରା କରାଯାଉଛି ।

ଏହି ଘଟଣାରେ ହନିଟ୍ରାପ୍‌ର ଏକ ବଡ଼ ମାମଲା ସାମ୍ନାକୁ ଆସିଛି । ପୁଲିସ ମୁତାବକ, ଧରାପଡ଼ିଥିବା ମହିଳା ଜଣକ ପାକିସ୍ତାନର ଦୁଇ ଜଣ ହ୍ୟାଣ୍ଡଲରଙ୍କ ସଂସ୍ପର୍ଶରେ ଥିଲେ ।



ଜଣଙ୍କ ନାମ 'ଚାଚା' ଏବଂ ଅନ୍ୟ ଜଣଙ୍କ ନାମ 'ଶାହ' ବୋଲି ଜଣାପଡ଼ିଛି । ଅଭିଯୋଗ ରହିଛି ଯେ, ପାକିସ୍ତାନୀ ହ୍ୟାଣ୍ଡଲର୍ ମହିଳାଙ୍କ ସହ ରୋମାଣ୍ଟିକ କଥାବାର୍ତ୍ତା କରି ଏବଂ ଟଙ୍କା ଲୋଭ ଦେଖାଇ ଫସାଇଥିଲେ । ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପାକିସ୍ତାନରୁ ଟଙ୍କା ପଠାଯାଇଥିବା ତଥ୍ୟ ମଧ୍ୟ ସାମ୍ନାକୁ ଆସିଛି । ତଦନ୍ତରୁ ଜଣାପଡ଼ିଛି ଯେ, ରେଳଷ୍ଟାକ୍‌ରେ ବିସ୍ଫୋରଣ କରିବା ପାଇଁ ମହିଳାଙ୍କୁ ଟଙ୍କା ମିଳିଥିଲା । ଆଇଏସଆଇ ଏପରି ଏକୁଟିଆ, ଦୁର୍ବଳ ଏବଂ ଆର୍ଥିକ ଅନଟନ ଦେଇ ଗତି କରୁଥିବା ମହିଳାମାନଙ୍କୁ ଟାର୍ଗେଟ୍ କରିଥାଏ । ପ୍ରଥମେ ସେମାନଙ୍କ ସହ ପ୍ରେମାଳାପ କରାଯାଏ, ପରେ ଟଙ୍କାର ଲୋଭ ଦେଖାଇ ଗୁପ୍ତଚର ଏବଂ ଆତଙ୍କବାଦୀ କାର୍ଯ୍ୟକଳାପରେ ସାମିଲ କରାଯାଏ । ପୋଲିସ ସୂଚନା ଅନୁଯାୟୀ, ମହିଳାଙ୍କ ପାଖରୁ ୨ଟି ଅସ୍ତ୍ରଶସ୍ତ୍ର ଏବଂ ୩୦ ହଜାର ଟଙ୍କା ଜବତ କରାଯାଇଛି । ଏହି ୩୦ ହଜାର ଟଙ୍କା ବ୍ଲାଷ୍ଟ ପାଇଁ ଦିଆଯାଇଥିବା ଅନୁମାନ କରାଯାଉଛି । ଏହାବ୍ୟତୀତ ପୁଲିସ ଅନ୍ୟ ୩ ଜଣଙ୍କୁ ମଧ୍ୟ ଅଟକ ରଖିଛି, ଯେଉଁମାନେ ଅଭିଯୁକ୍ତଙ୍କୁ ରହିବା ପାଇଁ ସ୍ଥାନ, ବାଇକ୍ ଯୋଗାଇ ଦେବା ଏବଂ ଘଟଣାସ୍ଥଳ ପର୍ଯ୍ୟନ୍ତ ପହଞ୍ଚାଇବାରେ ସାହାଯ୍ୟ କରିଥିବା ସନ୍ଦେହ କରାଯାଉଛି । ଘଟଣା ପୂର୍ବରୁ ଉଭୟ ଅଭିଯୁକ୍ତ ଶ୍ରୀଗଙ୍ଗାନଗରର ଏକ ସ୍ଥାନୀୟ ହୋଟେଲରେ ରହି ରେକି କରିଥିଲେ ।

ପ୍ରକାଶ ଯେ, ଗତ ନଭେମ୍ବର ୩ ତାରିଖ ରାତି ପ୍ରାୟ ୯ଟା ୪୫ ମିନିଟ୍ ସମୟରେ ଶ୍ରୀଗଙ୍ଗାନଗରର ରାମସିଂହପୁର ନିକଟସ୍ଥ ୫୦ ଜିବି ଗ୍ରାମର ଅନୁପଗଡ଼-ସୂରତଗଡ଼ ରେଳଲାଇନରେ ଏହି ବିସ୍ଫୋରଣ ହୋଇଥିଲା । ଏହି ଧାମକାରେ ଦୁଇଟି ସ୍ପ୍ଲିପର୍ ଭାଙ୍ଗିଯିବା ସହ ରେଳପଟ୍ରିକ୍ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ପ୍ରାୟ ଅଢ଼େଇ ଫୁଟ୍ ଗଭୀର ଗାତ ସୃଷ୍ଟି ହୋଇଥିଲା । ସବୁଠାରୁ ଭୟଙ୍କର କଥା ଏହା ଥିଲା ଯେ, ବିସ୍ଫୋରଣର ପ୍ରାୟ ୭୫ ମିନିଟ୍ ପୂର୍ବରୁ ଏହି ଟ୍ରାକ୍ ଦେଇ ଅନୁପଗଡ଼-ସୂରତଗଡ଼ ପାସେଞ୍ଜର ଟ୍ରେନ୍ ଯାଇଥିଲା । ଯଦି ବିସ୍ଫୋରଣ କିଛି ସମୟ ପୂର୍ବରୁ ହୋଇଥାନ୍ତା, ତେବେ ଏକ ବଡ଼ ଦୁର୍ଘଟଣା ଘଟି ଶହ ଶହ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ଆସିଥା'ନ୍ତା । ବର୍ତ୍ତମାନ ପୁଲିସ ଏହି ଷଡ଼ଯନ୍ତ୍ରରେ ଆଉ କେଉଁମାନେ ସାମିଲ ଅଛନ୍ତି, ତାହା ଜାଣିବା ପାଇଁ ତଦନ୍ତ ଜାରି ରଖିଛି ।

ମୃତ୍ୟୁଦଣ୍ଡ ଉଚ୍ଛେଦ ପ୍ରସ୍ତାବକୁ ଭାରତର ବିରୋଧ

ଜାତିସଂଘରେ ୧୩୩ ଦେଶଙ୍କ ସମର୍ଥନ

ନୂଆଦିଲ୍ଲୀ,୧୫।୧୧: ମୃତ୍ୟୁଦଣ୍ଡ ଉପରେ ରୋକ୍ ଲଗାଇବା ପ୍ରସ୍ତାବକୁ ଜାତିସଂଘରେ ସମର୍ଥନ କରିନାହିଁ ଭାରତ । ଜାତିସଂଘ ମହାସଭାରେ ଶୁକ୍ରବାର ଏହି ପ୍ରସ୍ତାବ ଉପରେ ଭୋଟିଂ ହୋଇଥିଲା । ୧୯୩ ସଦସ୍ୟ ଦେଶଙ୍କ ମଧ୍ୟରୁ ୧୩୩ଟି ଦେଶ ପ୍ରସ୍ତାବ ସପକ୍ଷରେ ଭୋଟ୍ ଦେଇଥିବା ବେଳେ ଭାରତ ସମେତ ୩୩ଟି ଦେଶ ଏହାର ବିରୋଧ କରିଥିଲେ । ୧୬ଟି ଦେଶ ଭୋଟିଂରୁ ଦୂରେଇ ରହିଥିଲେ । ବିରୋଧ ସତ୍ତ୍ୱେ ପ୍ରସ୍ତାବଟି ଗୃହୀତ ହୋଇଛି ।



ମେକ୍ସିକୋ ଏହି ପ୍ରସ୍ତାବ ଆଗତ କରିଥିଲା । ଏଥିରେ ସମସ୍ତ ଦେଶଙ୍କୁ ମୃତ୍ୟୁଦଣ୍ଡ ଉପରେ ରୋକ୍ ଲଗାଇବାକୁ ଅପିଲ୍ କରାଯାଇଥିଲା । ଧୀରେ ଧୀରେ ମୃତ୍ୟୁଦଣ୍ଡର ବ୍ୟବହାର କମାଇ ଏହାକୁ ସମ୍ପୂର୍ଣ୍ଣ ଉଚ୍ଛେଦ ଦିଗରେ ଆଗକୁ ବଢ଼ିବା ଏହି ପ୍ରସ୍ତାବର ଉଦ୍ଦେଶ୍ୟ ଥିଲା । ପ୍ରସ୍ତାବକୁ ବିରୋଧ କରିଥିବା ଦେଶଙ୍କ ମଧ୍ୟରେ ଭାରତ ସହ ଆମେରିକା, ଚୀନ୍, ପାକିସ୍ତାନ, ଜାପାନ, ଇରାନ, ଇରାକ୍, ସାଉଦି ଆରବ, ଇଜିପ୍ଟ, ବାହାରିନ୍, କୁଏତ୍, ମାଳଦ୍ୱୀପ, ଓମାନ ଓ କତାର ରହିଛନ୍ତି । ପ୍ରସ୍ତାବରେ କୁହାଯାଇଥିଲା ଯେ, ପ୍ରତ୍ୟେକ ଦେଶ ନିଜ ଆଇନ ଅନୁସାରେ ଦଣ୍ଡ ନିର୍ଦ୍ଧାରଣ କରିବାର ଅଧିକାର ରଖିଛି । ତଥାପି ମୃତ୍ୟୁଦଣ୍ଡ ଉପରେ ରୋକ୍ ଲଗାଇବାକୁ ସମସ୍ତ ଦେଶଙ୍କୁ ଅନୁରୋଧ କରାଯାଇଥିଲା। ଯେଉଁ ଦେଶଗୁଡ଼ିକରେ ମୃତ୍ୟୁଦଣ୍ଡ ଉଚ୍ଛେଦ ହୋଇସାରିଛି, ସେଠାରେ ଏହାକୁ ପୁନର୍ବାର ଲାଗୁ ନକରିବାକୁ ମଧ୍ୟ କୁହାଯାଇଥିଲା । ଏହାସହ ୧୮ ବର୍ଷରୁ କମ୍ ବୟସରେ ଅପରାଧ କରିଥିବା ବ୍ୟକ୍ତି, ଗର୍ଭବତୀ ମହିଳା, ମାନସିକ ଜିମ୍ମା ବୌଦ୍ଧିକ ଦିବ୍ୟାଙ୍ଗତା ଥିବା ବ୍ୟକ୍ତି ଏବଂ ବୟସ୍କଙ୍କୁ ମୃତ୍ୟୁଦଣ୍ଡରୁ ବାଦ୍ ଦେବାକୁ ଅପିଲ୍ କରାଯାଇଥିଲା । ଯେଉଁ ଅପରାଧ ପାଇଁ ମୃତ୍ୟୁଦଣ୍ଡ ଦିଆଯାଇପାରିବ, ସେହି ଅପରାଧର ସଂଖ୍ୟା କମାଇବା ଏବଂ କୌଣସି ଅପରାଧ ପାଇଁ ବାଧ୍ୟତାମୂଳକ ମୃତ୍ୟୁଦଣ୍ଡ ବ୍ୟବସ୍ଥା ହଟାଇବାକୁ ମଧ୍ୟ ପ୍ରସ୍ତାବରେ କୁହାଯାଇଥିଲା । ମୃତ୍ୟୁଦଣ୍ଡ ଉଚ୍ଛେଦ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ ସ୍ପଷ୍ଟ । ଭାରତର କହିବା ଅନୁସାରେ, ମୃତ୍ୟୁଦଣ୍ଡକୁ ସମ୍ପୂର୍ଣ୍ଣ ବିରୋଧ କରିବା ନେଇ ଅନ୍ତର୍ଜାତୀୟ ସ୍ତରରେ ସର୍ବସମ୍ମତି ନାହିଁ । ପ୍ରତ୍ୟେକ ସାର୍ବଭୌମ ରାଷ୍ଟ୍ରର ନିଜସ୍ୱ ଆଇନ ବ୍ୟବସ୍ଥା ଏବଂ ଦଣ୍ଡ ନିର୍ଦ୍ଧାରଣ କରିବାର ଅଧିକାର ରହିଛି । ଭାରତରେ ମୃତ୍ୟୁଦଣ୍ଡ କେବଳ ଅତି ବିରଳରୁ ବିରଳତମ ବା 'ରେୟାରେଷ୍ଟ ଅଫ୍ ଦ ରେୟାର' ମାମଲାରେ ଦିଆଯାଏ । ଏଥିପାଇଁ ଦେଶରେ ଆଇନଗତ ବ୍ୟବସ୍ଥା ରହିଛି। ନିରପେକ୍ଷ ବିଚାର, ନିଜ ପକ୍ଷ ରଖିବାର ଅଧିକାର ଏବଂ ଉଚ୍ଚ ନ୍ୟାୟାଳୟରେ ରାୟର ସମୀକ୍ଷା ଭଳି ଆଇନଗତ ସୁରକ୍ଷା ବ୍ୟବସ୍ଥା ମଧ୍ୟ ରହିଛି ।

ଜାତିସଂଘରେ ଭାରତର ପ୍ରତିନିଧି ଭବିକା ମଙ୍ଗଲାନନ୍ଦନ ମଧ୍ୟ କହିଥିଲେ ଯେ, ଆଇନଗତ ପ୍ରକ୍ରିୟା ଅନୁସରଣ କରି ଦିଆଯାଉଥିବା ମୃତ୍ୟୁଦଣ୍ଡକୁ ବେଆଇନ ହତ୍ୟା ସହ ସମାନ କରାଯାଇପାରିବ ନାହିଁ । ତେଣୁ ମୃତ୍ୟୁଦଣ୍ଡ ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇବା ପରିବର୍ତ୍ତେ ପ୍ରତ୍ୟେକ ଦେଶର ନିଜସ୍ୱ ଆଇନଗତ ଅଧିକାରକୁ ସମ୍ମାନ ଦେବା ଉଚିତ ବୋଲି ଭାରତର ମତ । ଯଦି ଭାରତ ଏହି ପ୍ରସ୍ତାବକୁ ସମର୍ଥନ କରିଥାନ୍ତା, ତେବେ ଏହା ମୃତ୍ୟୁଦଣ୍ଡ ଉପରେ ରୋକ୍ ଲଗାଇବା ଦିଗରେ ଭାରତର ଏକ ନୀତିଗତ ସମର୍ଥନ ଭାବେ ଗଣାଯାଇଥାନ୍ତା । ଏହାଦ୍ୱାରା ଦେଶରେ ମୃତ୍ୟୁଦଣ୍ଡ ବ୍ୟବସ୍ଥାକୁ ନେଇ ନୂଆ ଆଇନଗତ ଓ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇପାରିଥାନ୍ତା । ତେବେ ଏଠାରେ ଏକ ବଡ଼ କଥା ହେଉଛି, ଜାତିସଂଘର ଏହି ପ୍ରସ୍ତାବକୁ ସମର୍ଥନ କରିବା ମାତ୍ରେ ଭାରତରେ ମୃତ୍ୟୁଦଣ୍ଡ ଆଇନ ଆପେଆପେ ଉଚ୍ଛେଦ ହୋଇନଥାନ୍ତା । ଜାତିସଂଘ ମହାସଭାର ଏଭଳି ପ୍ରସ୍ତାବ ସାଧାରଣତଃ ସୁପାରିସମୂଳକ । ଭାରତରେ ମୃତ୍ୟୁଦଣ୍ଡକୁ ଆଇନଗତ ଭାବେ ଉଚ୍ଛେଦ କରିବାକୁ ହେଲେ ଦେଶର ଆଇନରେ ପରିବର୍ତ୍ତନ ଆବଶ୍ୟକ ହୋଇଥାନ୍ତା ।ଅନ୍ୟପଟେ, ଭାରତ ଯଦି ଏହି ମୋରାଟୋରିୟମ୍‌କୁ ବାସ୍ତବରେ ଲାଗୁ କରିବାକୁ ନିଷ୍ପତ୍ତି ନେଇଥାନ୍ତା, ତେବେ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ କରିବା ବନ୍ଦ ରଖିବାକୁ ପଡ଼ିଥାନ୍ତା । କିନ୍ତୁ ଏହାଦ୍ୱାରା ସମସ୍ତ ମୃତ୍ୟୁଦଣ୍ଡ ରାୟ ଆପେଆପେ ରଦ୍ଦ ହୋଇଯାଇନଥାନ୍ତା । ବିଶ୍ୱରେ ମୃତ୍ୟୁଦଣ୍ଡର ବ୍ୟବହାର ଜାରି ରହିଥିବା ନେଇ ପ୍ରସ୍ତାବରେ ଚିନ୍ତା ପ୍ରକାଶ କରାଯାଇଥିଲା ।

ସବ୍ୟସାଚୀ ହେଲେ ରସୁଲପୁର ନୂଆ ଯୁବ ବିଜେଡି ସଭାପତି

ରସୁଲପୁର,୧୫।୧୧(ନି.ସୂ) : ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ବିଜୁ ଯୁବ ଜନତା ଦଳକୁ ମିଳିଛି ନୂଆ ନେତୃତ୍ୱ । ଯୁବ ନେତା ସବ୍ୟସାଚୀ ଦାଶ (ବାପି) ହେଲେ ରସୁଲପୁର ଯୁବ ବିଜୁ ଜନତା ଦଳର ନୂତନ ସଭାପତି । ତାଙ୍କୁ ଦଳପକ୍ଷରୁ ଯୁବ ସଂଗଠନର ଗୁରୁ ଦାଇତ୍ୱ ମିଳିଥିବାରୁ ରସୁଲପୁର ଅଂଚଳରେ ଦଳୀୟ ମହଲରେ ଉତ୍ସାହ ପ୍ରକାଶ ପାଇଛି ।

ନୂତନ ଦାୟିତ୍ୱ ମିଳିବା ପରେ ରସୁଲପୁର ବ୍ଲକର କୋରେଇ,ବରୀ ଏବଂ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଯୁବ ସଂଗଠନ ଅଧିକ ସୁଦୃଢ ହେବା ସହ ଆଗାମୀ ଦିନରେ ନୂତନ ଯୁବକମାନେ ଦଳ ସହ ଯୋଡିହେବା, ଯୁବବର୍ଗ ସଂଗଠିତ ହେବା ଏବଂ ତୃଣମୂଳ ସ୍ତରରେ ଦଳୀୟ ସଂଗଠନ ଅଧିକ ମଜଭୁତ ଏବଂ କ୍ରିୟାଶୀଳ ହେବାର ଆଶା କରାଯାଉଛି ।

ସାଧାରଣ ଲୋକଙ୍କ ସମସ୍ୟା ଏବଂ ଯୁବବର୍ଗଙ୍କ ସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗରେ ଯୁବ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ଏବଂ ଦଳୀୟ କର୍ମୀଙ୍କ ସହ ସମନ୍ୱୟ ରକ୍ଷା କରି ଦଳୀୟ ସଂଗଠନକୁ ଅଧିକ ମଜଭୁତ କରିବା ତାଙ୍କ ପାଇଁ ଏକ ପ୍ରମୁଖ ଆହ୍ୱାନ ରହିବ ।



ଦଳୀୟ କାର୍ଯ୍ୟାଧାରାରେ କିପରି ଅଧିକରୁ ଅଧିକ ଯୁବକ ସାମିଲ ହେବେ ଏବଂ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଫଳତାକୁ ଲୋକ ଲୋଚନକୁ ଆଣି ଜନସାଧାରଣଙ୍କୁ ସଚେତନ କିପରି କରାଯାଇପାରିବ ସେ ଦିଗରେ ତାଙ୍କର କାର୍ଯ୍ୟ ଜାରି ରହିବ ବୋଲି ସୂଚନା ଦେବା ସହ ଏହି ନୂତନ ଦାୟିତ୍ୱ ପାଇଁ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବରୀର ବିଧାୟକ ବିଶ୍ୱରଂଜନ ମଲିକ ଏବଂ ଦଳୀୟ କର୍ମୀଙ୍କୁ ସେ ନିଜର କୃତଂଜ୍ଞତା ଜଣାଇଛନ୍ତି । ଅବିଭକ୍ତ ଧର୍ମଶାଳା ନିର୍ବାଚନମଣ୍ଡଳୀ ରସୁଲପୁର ଅଞ୍ଚଳର ବହୁ ଦଳୀୟ କର୍ମୀ, ସ୍ୱେଚ୍ଛାସେବୀ ସଂଗଠନ ଶ୍ରୀଯୁକ୍ତ ଦାଶ ଙ୍କୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଇଛନ୍ତି । ରାହାମ୍ୟା ଏବଂ ରସୁଲପୁର ପଂଚାୟତର ବିଜେଡି ସଭାପତି ଅଭୟ ଦାସ ଏବଂ ଗୋଲକ ବିହାରୀ ପଣ୍ଡା, ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ଖୁଣ୍ଟିଆ,ଯୁବନେତା ଗଙ୍ଗାଧର ସାହୁ,ଯୁବନେତା ସୁରେନ୍ଦ୍ର ନାଏକ,ବହୁ ବରିଷ୍ଠ ଏବଂ ଯୁବ କର୍ମୀ ଶ୍ରୀଯୁକ୍ତ ଦାଶଙ୍କୁ ଅଭିବାଦନ ଜଣାଇଛନ୍ତି ।

୫.୫ କୋଟି ଟଙ୍କା ବ୍ୟୟରେ ବିଧାୟକଙ୍କ ଦ୍ୱାରା ନୂତନ ଉଚ୍ଚ ସେତୁ ଶିଳାନ୍ୟାସ

ଯୋଗାଯୋଗ ବ୍ୟବସ୍ଥାରେ ଯୋଡି ହେବ ନୂଆ ଅଧ୍ୟାୟ

ଫୁଲନଖରା, ୧୫।୧୧(ନି.ସୂ) : ଗ୍ରାମାଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଜନସାଧାରଣଙ୍କ ଯାତାୟାତକୁ ଅଧିକ ସୁଗମ ଓ ସୁରକ୍ଷିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ ନିଆଯାଇଛି। ସେତୁବନ୍ଧ ଯୋଜନା ଅନ୍ତର୍ଗତ ପୁରୀ ମୁଖ୍ୟ କେନାଲର ପୁରୁଣା କାଚେରାମାଳଠାରେ ପ୍ରାୟ ୫.୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ନୂତନ ଉଚ୍ଚ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କ କରକମଳରେ ଏହି ଶିଳାନ୍ୟାସ ଉତ୍ସବ ସମ୍ପନ୍ନ ହୋଇଥିଲା।

ବରିଷ୍ଠ ସଂଗଠକ ସ୍ୱାଧୀନଚେତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କର୍ପୋରେଟର ଶ୍ରୀମତୀ ମମତା ମହାନ୍ତି, ଗୋପାଳପୁର ମଣ୍ଡଳ ସଭାପତି ନିହାର ରଞ୍ଜନ ପଣ୍ଡାଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୂଚନା ଅନୁଯାୟୀ, ଏହି ସ୍ଥାନରେ ପୂର୍ବରୁ ରହିଥିବା ପୁରାତନ ସେତୁଟି ଦୀର୍ଘବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ରହିବା ସହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ଓ ଶିଳାନ୍ୟାସ ପ୍ରକ୍ରିୟା ଆଗକୁ ବଢ଼ିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।



ଏହାର ଓସାର ମଧ୍ୟ ଯଥେଷ୍ଟ କମ୍ ଥିଲା। ଫଳରେ ଗୋଟିଏ କାର୍ ଯାତାୟାତ କରୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ କାର୍ ପାର୍ ହେବା ସମ୍ଭବ ହେଉନଥିଲା। ଏଥିଯୋଗୁଁ ଦୈନନ୍ଦିନ ଯାତାୟାତରେ ସ୍ଥାନୀୟ ଲୋକଙ୍କୁ ନାନା ସମସ୍ୟା ଓ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ଏକ ନୂତନ ଓ ପ୍ରଶସ୍ତ ସେତୁ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘବର୍ଷ ଧରି ଦାବି ଉଠାଇ ଆସୁଥିଲେ। ତେବେ ଅଞ୍ଚଳବାସୀଙ୍କ ଏହି ଦୀର୍ଘଦିନର ଦାବିକୁ ଗୁରୁତ୍ୱ ଦେଇ ନୂତନ ସେତୁ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ଓ ଶିଳାନ୍ୟାସ ପ୍ରକ୍ରିୟା ଆଗକୁ ବଢ଼ିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ।

ଏହି ପ୍ରକଳ୍ପ କେବଳ ଏକ ସେତୁ ନିର୍ମାଣରେ ସୀମିତ ନୁହେଁ, ବରଂ ଅଞ୍ଚଳର ଗମନାଗମନ, ବାଣିଜ୍ୟ, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଦୈନନ୍ଦିନ ଜୀବନଧାରାକୁ ଅଧିକ ସୁଗମ କରିବାରେ ସହାୟକ ହେବ। ବିଶେଷକରି ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ସମେତ ବିଭିନ୍ନ ଯାନବାହନର ଯାତାୟାତରେ ଏହା ଗୁରୁତ୍ୱପୂର୍ଣ୍ଣ ସୁବିଧା ଯୋଗାଇଦେବ ବୋଲି ଆଶା କରାଯାଉଛି।

ରାଜ୍ୟରେ ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଓ ଉନ୍ନତ ଯୋଗାଯୋଗ ବ୍ୟବସ୍ଥାକୁ ପ୍ରାଥମିକତା ଦେଇ ମୋହନ ସରକାରଙ୍କ ପକ୍ଷରୁ ନିଆଯାଉଥିବା ଏଭଳି ଜନହିତକର ପଦକ୍ଷେପକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ସେହିପରି ଜନସାଧାରଣଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ଏହି ପ୍ରକଳ୍ପକୁ ବାସ୍ତବ ରୂପ ଦେବା ଦିଗରେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀଙ୍କ ଉଦ୍ୟମ ଓ ସକାରାତ୍ମକ ଭୂମିକାକୁ ସ୍ଥାନୀୟ ଲୋକେ ଉଚ୍ଚ ପ୍ରଶଂସା କରିଛନ୍ତି। ଏଥିସହ କର୍ପୋରେଟର ମମତା ମହାନ୍ତିଙ୍କ ସହଯୋଗ ଓ ଅଞ୍ଚଳର ବିକାଶ ପ୍ରତି ତାଙ୍କର ଆଗ୍ରହକୁ ମଧ୍ୟ ଜନସାଧାରଣ ସ୍ୱାଗତ କରିଛନ୍ତି।ଏହି ଶିଳାନ୍ୟାସ ଉତ୍ସବକୁ ପ୍ରଶାନ୍ତ ଦଳାଇ, ସୁକାନ୍ତ ଭୋଇ, ସୂର୍ଯ୍ୟକାନ୍ତ ବରାଳ, ପ୍ରଶାନ୍ତ ମହାନ୍ତି ପ୍ରମୁଖ ପରିଚାଳନା କରିଥିବା ବେଳେ ବହୁ ଗ୍ରାମ୍ୟ ମୁରବି, ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ଏହି ବିକାଶମୂଳକ ପଦକ୍ଷେପକୁ ସ୍ୱାଗତ କରିଥିଲେ। ନୂତନ ସେତୁ ନିର୍ମାଣ ଶୀଘ୍ର ଶେଷ ହେଲେ ଏହା ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ ବୋଲି ଆଶା ପ୍ରକାଶ ପାଇଛି।

କାଙ୍କେରୀରେ ଜନଜାତୀୟ ଗୌରବ ଦିବସ ପାଳିତ

ଧର୍ମଗଡ,୧୫।୧୧(ନି.ସୂ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ କାଙ୍କେରୀ ରେ ମେରା ଯୁବା ଭାରତ କଳାହାଣ୍ଡି ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଆନୁକୂଲ୍ୟରେ ଏବଂ ମାଁ ଡୁମେରମୁଡେନ ଯୁବକ ସଂଘ, କାଙ୍କେରୀର ମିଳିତ ସହଯୋଗରେ ଧର୍ତ୍ତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ତଥା 'ଜନଜାତୀୟ ଗୌରବ ଦିବସ' ପାଳିତ ହୋଇଯାଇଛି।

ପ୍ରଥମେ ଭଗବାନ ବିର୍ସା ମୁଣ୍ଡାଙ

ସରକାରୀ ନିୟମକୁ ଫୁ' କରୁଛନ୍ତି ମଦ ଦୋକାନୀ

- ଖୋଲିବା ଓ ବନ୍ଦ କରିବା ସମୟରେ ରହୁନି ତାଳମେଳ
- ବିଳମ୍ବିତ ରାତି ଯାଏଁ ଚାଲୁଛି ବେଆଇନ ମଦ କାରବାର
- ଅବକାରୀ ବିଭାଗର ନିରବତାକୁ ନେଇ ପ୍ରଶ୍ନ ?



ଖୋରଧା ୧୫।୧୧(ନି.ସୂ) : ଖୋରଧାରେ ରାଜ୍ୟ ସରକାର ମଦ ବିକ୍ରି ଓ ମଦ ଦୋକାନ ପରିଚାଳନା ପାଇଁ ସ୍ୱତନ୍ତ୍ର ନୀତିନିୟମ ପ୍ରଣୟନ କରିବା ସହ ଦୋକାନ ଖୋଲିବା ଓ ବନ୍ଦ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରିଛନ୍ତି। ମଦ ବିକ୍ରି ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା, ସାଧାରଣ ଲୋକଙ୍କ ଯାତାୟାତ ଓ ସାମାଜିକ ପରିବେଶକୁ ସୁରକ୍ଷିତ ରଖିବା ଏବଂ ଅବାଞ୍ଛିତ ପରିସ୍ଥିତିକୁ ରୋକିବା ଏହି ନିୟମର ମୁଖ୍ୟ ଉଦ୍ଦେଶ୍ୟ। ମାତ୍ର ଖୋରଧା ସହର ଓ ଏହାର ଆଖପାଖ ଅଞ୍ଚଳରେ କେତେକ ମଦ ଦୋକାନ, ବାର୍, ହୋଟେଲ ଓ ରେଷ୍ଟୁରାଣ୍ଟରେ ଏହି ନିୟମର ଖୋଲାଖୋଲି ଉଲ୍ଲଂଘନ ହେଉଥିବା ଅଭିଯୋଗ ହେଉଛି। ସରକାରଙ୍କ ନିର୍ଦ୍ଧାରିତ ସମୟ ଓ ନିୟମକୁ ଖାତିର ନକରି ମନଇଚ୍ଛା ଦୋକାନ ଖୋଲାଯିବା ଓ ବନ୍ଦ କରାଯିବା ଏବେ ସାଧାରଣରେ ଅସନ୍ତୋଷର କାରଣ ପାଲଟିଛି। ସୂଚନା ଅନୁଯାୟୀ, ମଦ ବିକ୍ରି ବ୍ୟବସ୍ଥାକୁ ସରକାର ଦୁଇଟି ଶ୍ରେଣୀରେ ବିଭକ୍ତ କରିଛନ୍ତି। ଅଫ-ସପ ମଦ ଦୋକାନରୁ ଗ୍ରାହକ ମଦ କିଣି ନିଜ ଘରକୁ କିମ୍ବା ଅନ୍ୟ ସ୍ଥାନକୁ ନେଇ ପିଇବାର ବ୍ୟବସ୍ଥା ରହିଛି। ଏହି ଦୋକାନ ପରିସରରେ ବସି ମଦ ପିଇବାକୁ ଅନୁମତି ନାହିଁ। ଅନ୍ୟପକ୍ଷରେ ଅନ-ସପ ମଦ ଦୋକାନ ଅର୍ଥାତ ବାର, ହୋଟେଲ ଓ ରେଷ୍ଟୁରାଣ୍ଟରେ ଗ୍ରାହକମାନେ ବସି ମଦ ପିଇବାର ସୁବିଧା ପାଇଥାନ୍ତି। ନିୟମ ଅନୁଯାୟୀ, ଅଫ-ସପ ମଦ ଦୋକାନଗୁଡ଼ିକ ସକାଳ ୧୦ଟାରୁ ରାତି ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଖୋଲା ରହିବାକୁ ଥିବାବେଳେ ଅନ-ସପ ଦୋକାନ, ବାର, ହୋଟେଲ ଓ ରେଷ୍ଟୁରାଣ୍ଟ ଗୁଡ଼ିକ ସକାଳ ୧୧ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଖୋଲା ରହିବାର ସମୟ ଧାର୍ଯ୍ୟ ହୋଇଛି। ଏହାସହ ଗ୍ରାହକ ମଦ କିଣିବା ପରେ ରସିଦ ମାଗିଲେ ସମ୍ପୃକ୍ତ ଦୋକାନୀ କିମ୍ବା ବାର, ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକ ତାଙ୍କୁ ରସିଦ ପ୍ରଦାନ କରିବା ବାଧତାମୂଳକ।

ତେବେ ଅଭିଯୋଗ ହେଉଛି ଯେ, ଖୋରଧା ସହରର କେତେକ ମଦ ଦୋକାନ ଧାର୍ଯ୍ୟ ସମୟକୁ ଅଣଦେଖା କରି ସକାଳୁ ଅତି ଶୀଘ୍ର ଖୋଲାଯାଉଥିବାବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ବିକ୍ରି ଚାଲୁ ରହୁଛି। ବିଶେଷକରି କେତେକ ଅଫ-ସପ ମଦ ଦୋକାନ ସକାଳ ୬ଟାରୁ ଖୋଲାଯାଇ ରାତି ଅଧିକ ଯାଏଁ ଚାଲୁ ରହୁଥିବା ଅଭିଯୋଗ ହୋଇଛି। ସେହିପରି କେତେକ ବାର, ହୋଟେଲ ଓ ରେଷ୍ଟୁରାଣ୍ଟ ମଧ୍ୟ ଧାର୍ଯ୍ୟ ସମୟ ଅତିକ୍ରମ କରିବା ପରେ ଖୋଲା ରହୁଥିବା କୁହାଯାଉଛି। ଏହାର କୁପରିଣାମ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି। ରାସ୍ତାରେ ଯାତାୟାତ କରୁଥିବା ଲୋକ,ବିଶେଷକରି ମହିଳା,ବୃଦ୍ଧଓ ଛାତ୍ରଛାତ୍ରୀମାନେ ମଦ୍ୟପ ବ୍ୟକ୍ତିଙ୍କ ଅଶାଳୀନ ବ୍ୟବହାର ଓ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେଉଥିବା ଅଭିଯୋଗ ରହିଛି। କେତେକ ସ୍ଥାନରେ ମଦ୍ୟପଙ୍କ ଭିଡ଼ ଯୋଗୁଁ ରାସ୍ତାରେ ଅଯଥା ବିଶୃଙ୍ଖଳା ସୃଷ୍ଟି ହେବା ସହ ସାଧାରଣ ଶାନ୍ତିଶୃଙ୍ଖଳା ମଧ୍ୟ ବ୍ୟାହତ ହେଉଛି। ଏପରିକି ମଦ ଦୋକାନ ଆଖପାଖ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶଙ୍କା ମଧ୍ୟ ଦେଖାଦେଉଛି। ଏଠାରେ ପ୍ରଶ୍ନ ଉଠୁଛି, ସରକାର ନିର୍ଦ୍ଧାରିତ ସମୟ ଓ ନିୟମ ପ୍ରଣୟନ କରିଥିବା ସତ୍ତ୍ୱେ ଏହାର ଉଲ୍ଲଂଘନ କରୁଥିବା ଦୋକାନୀଙ୍କ ବିରୋଧରେ କାହିଁକି ନିୟମିତ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ହେଉନାହିଁ ? ଅବକାରୀ ବିଭାଗର କ୍ଷେତ୍ରୀୟ ଅଧିକାରୀମାନେ ଏସବୁ ଘଟଣା ସମ୍ପର୍କରେ ଅବଗତ ଅଛନ୍ତି କି ନାହିଁ, ତାହା ମଧ୍ୟ ସାଧାରଣରେ ଆଲୋଚନାର ବିଷୟ ହୋଇଛି। ତେଣୁ ଖୋରଧା ଜିଲକ୍ଷ ଅବକାରୀ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଇ ସହର ଓ ଏହାର ଆଖପାଖ ଅଞ୍ଚଳରେ ଥିବା ମଦ ଦୋକାନ, ବାର, ହୋଟେଲ ଓ ରେଷ୍ଟୁରାଣ୍ଟଗୁଡ଼ିକରେ ନିୟମିତ ଯାଞ୍ଚ କରିବା ସହ ଧାର୍ଯ୍ୟ ସମୟରେ ଦୋକାନ ଖୋଲୁଛି କି ନାହିଁ, ବନ୍ଦ ହେଉଛି କି ନାହିଁ, ଅଫ-ସପ ଦୋକାନରେ ନିୟମ ଉଲ୍ଲଂଘନ କରି ମଦ ପିଇବାର ବ୍ୟବସ୍ଥା ରହିଛି କି ନାହିଁ ଏବଂ ଗ୍ରାହକଙ୍କୁ ନିୟମ ଅନୁଯାୟୀ ରସିଦ ଦିଆଯାଉଛି କି ନାହିଁ, ସେସବୁର ତଦାରଖ କରିବାକୁ ଦାବି ହେଉଛି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଆଇନଗତ ପଦକ୍ଷେପ ନିଆଗଲେ ହିଁ ସରକାରୀ ନିୟମର ମର୍ଯ୍ୟାଦା ରହିବା ସହ ସାଧାରଣ ଲୋକଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ବଜାୟ ରହିପାରିବ।

ସୁକିନ୍ଦାରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ସୁକିନ୍ଦା,୧୫।୧୧(ନି.ସୂ), ଶନିବାର ଦିନ ସୁକିନ୍ଦା ବଡ଼ ଦାଣ୍ଡରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ୨୦୨୬ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ସମବାୟ ,ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସରକାରଙ୍କ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନିଜେ ସ୍ୱାବଲମ୍ବୀ ହେବାସହ ରୋଜଗାରକ୍ଷମ ହେବାପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା ଚନ୍ଦ୍ରଭାନୁ ମହାନ୍ତି ମୁଖ୍ୟବକ୍ତା ଓ ଡା ଅନିରୁଦ୍ଧ ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଅତିରିକ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀ ରଞ୍ଜିତା ବେହେରା, ବିଡିଓ ପ୍ରଜ୍ଞା ପରମିତା ପୃଷ୍ଟି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ସଭାରେ ମତ୍ସ୍ୟ ଚାଷୀ ଓ ପ୍ରାଣୀ ପାଳକଙ୍କୁ ବିଭିନ୍ନ ସରକାରୀ ଯୋଜନା ଓ ଏହାର ଉପାଦେୟତା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ମେଳାର ମୁଖ୍ୟ ଆକର୍ଷଣ ଭାବେ ୪ ଜଣ ସଫଳ ଚାଷୀଙ୍କୁ ୨୦୦୦ ଟଙ୍କା ଲେଖାଏ ପୁରସ୍କାର ସହିତ ମାନପତ୍ର, ଟ୍ରଫି ଏବଂ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା ଏବଂ ସେମାନେ ନିଜର ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ।ଏଥି ସହିତ ୮ଜଣ ଚାଷୀଙ୍କୁ କାର୍ଯ୍ୟ ଅନୁମତି ପତ୍ର ପ୍ରଦାନ କରାଗଲା।ସମୁଦାୟ ୨୫ଟି ପଂଚାୟତରୁ ୫୦୦ରୁ ଉର୍ଦ୍ଧ୍ୱ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଉପସ୍ଥିତ ଥିଲେ। ଡ଼ା ସମୀର କୁମାର ବେହେରା ମେଳାର ପ୍ରମୁଖ ଉଦ୍ଦେଶ୍ୟ ସମ୍ପର୍କରେ ଚାଷୀ ମାନଙ୍କୁ ଅବଗତ କରାଇଥିଲେ।ସୁକିନ୍ଦା ବ୍ଲକ ର ବିଭିନ୍ନ ବିଭାଗ ତରଫରୁ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ୧୨ ଗୋଟି ଷ୍ଟଲ ପ୍ରଦର୍ଶନ କରାଯାଇଥିଲା। ମିଶନ ଆସ୍ତା ଓ ଆମଘର ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଇଥିଲା । ବ୍ଲକ୍ ସାଂସ୍କୃତିକ ପରିଷଦ ଦ୍ୱାରା ପାଲା ମାଧ୍ୟମରେ ଚାଷୀ ମାନଙ୍କୁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ର ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା।

ଅପେକ୍ଷାର ଅନ୍ତ ଘଟିଲା
ସିନାପାଲି ବସ୍‌ଷ୍ଟାଣ୍ଡ ଶୁଭ ଉଦଘାଟନ



ସିନାପାଲି ୧୫।୧୧ (ନି.ସୂ) ଅପେକ୍ଷାର ଅନ୍ତ ଘଟିଲା। ବହୁ ପ୍ରତୀକ୍ଷିତ ସିନାପାଲି ବସ୍‌ଷ୍ଟାଣ୍ଡ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଏବଂ ଅତିଥି ମାନଙ୍କ କର କମଳରେ ଶୁଭ ଉଦଘାଟନ ହୋଇଯାଇଛି । ନୂଆପଡ଼ା ଜିଲ୍ଲା, ସିନାପାଲି ବ୍ଲକ ସମସ୍ତ ଗ୍ରାମର ଜନସାଧାରଣଙ୍କ ଦାବି ଥିଲା ଯେ ସିନାପାଲି ରେ ଏକ ଭବ୍ୟ ସରକାରୀ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଉ । ଯେତେବେଳେ ସରକାରଙ୍କ ଦ୍ୱାରା ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ମଞ୍ଜୁର ହେଲା, ବସ୍‌ଷ୍ଟାଣ୍ଡ ନିର୍ମାଣ ସ୍ଥଳକୁ ନେଇ ଅନେକ ବିବାଦ ଉପୁଜିଥିଲା, ପରିଶେଷରେ ଜୁଗେନପଦର ନିକଟସ୍ଥ ଉଦନ୍ତୀ ନଦୀ କୂଳରେ ଉକ୍ତ ବସଷ୍ଟାଣ୍ଡ ନିର୍ମାଣକାର୍ଯ୍ୟ ସମାପନ ହୋଇ ଦୀର୍ଘଦିନ ହେଲା ଉଦଘାଟନକୁ ଅପେକ୍ଷା କରିଥିଲା। ତାହା ରବିବାର ୩ ଘଟିକା ସମୟରେ ଉଦଘାଟନ ହୋଇ ଲୋକାର୍ପିତ ହୋଇଯାଇଛି । ଏହି ଅବସରରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିବା ବେଳେ, ସମ୍ମାନୀତ ଅତିଥି ରୂପେ ସିନାପାଲି ବ୍ଲକ ଅଧକ୍ଷା ମାଧୁରୀ ମାଝୀ , ଉପାଧକ୍ଷା ମିନା ଘିଭେଲା , ସାଂସଦ ପ୍ରତିନିଧି ଶିବପ୍ରସାଦ ମୁଣ୍ଡ , ସିନାପାଲି ବି.ଡି.ଓ କର୍ମି ଓରାମ, ଜିଲ୍ଲାପରିଷଦ ସଦସ୍ୟା ଜୋନ ନଂ ୧୨ ପୁଷ୍ପାଞ୍ଜଳୀ ଗୋଆଲ, ଜୋନ୍ ନଂ ୧୩ ଜାଙ୍କସେନା କଟା, ଜୋନ୍ ନଂ ୧୪ ଆଶା ଜୈନ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ବିଭାଗୀୟ କର୍ମଚାରୀ, ଅଞ୍ଚଳ ର ବୁଦ୍ଧିଜୀବୀ ଯୁବ ସମାଜ ତଥା ଜନସାଧାରଣ ଉପସ୍ଥିତ ରହିଥିଲେ ।

ଗେଲ୍ ଇଣ୍ଡିଆରେ ଚାକିରି କରାଇଦେବା ନାଁରେ ୧୦.୫୩ ଲକ୍ଷ ଟଙ୍କା ଠକେଇ, ଅଭିଯୁକ୍ତ ଗିରଫ
ପାହାଲ ପୋଲିସର ତତ୍ପରତା, ନରସିଂହପୁରରୁ ଅଭିଯୁକ୍ତକୁ କାବୁ କରି କୋର୍ଟ ଚାଲାଣ



ଫୁଲନଖରା,୧୫।୧୧ : ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗେଲ୍ ଇଣ୍ଡିଆ ଲିମିଟେଡ୍ରେ ସ୍ଥାୟୀ ଚାକିରି କରାଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ଯୁବକଙ୍କଠାରୁ ୧୦ ଲକ୍ଷ ୫୩ ହଜାର ୨୩୦ ଟଙ୍କା ଠକେଇ ଅଭିଯୋଗରେ ପାହାଲ ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ପୋଲିସର ତ୍ୱରିତ ପଦକ୍ଷେପ, ତଦନ୍ତ ଓ ଚଢ଼ାଉ ଯୋଗୁଁ ଦୀର୍ଘଦିନ ଧରି ଫେରାର ଥିବା ଅଭିଯୁକ୍ତକୁ କଟକ ଜିଲ୍ଲା ନରସିଂହପୁର ଅଞ୍ଚଳରୁ ଗିରଫ କରିବାରେ ସଫଳତା ମିଳିଛି।ପୋଲିସ ସୂଚନା ଅନୁଯାୟୀ, ରୁଦ୍ରପୁରସ୍ଥିତ ବିଷ୍ଣୁ ବିହାର ଗୋକୁଳଧାମ ସୋସାଇଟିରେ ରହୁଥିବା ରଶ୍ମିମାନ ବିଶ୍ୱାଳଙ୍କ ପଡ଼ୋଶୀ ଭାବେ ଅଭିଯୁକ୍ତ ପ୍ରଶାନ୍ତ କୁମାର ଦାସ (୪୦) ଭଡ଼ାରେ ରହୁଥିଲେ। ପ୍ରାୟ ଦେଢ଼ ବର୍ଷର ପରିଚୟ ଓ ବନ୍ଧୁତାର ସୁଯୋଗ ନେଇ ଅଭିଯୁକ୍ତ ନିଜର ସରକାରୀ ବିଭାଗରେ ଉଚ୍ଚସ୍ତରୀୟ ସମ୍ପର୍କ ଥିବା ମିଥ୍ୟା ଦାବି କରିଥିଲେ। ଏଥିସହ ଗେଲ୍ ଇଣ୍ଡିଆ ଲିମିଟେଡ୍ର ଅପରେସନ୍ସ ବିଭାଗରେ ସ୍ଥାୟୀ ନିଯୁକ୍ତି କରାଇଦେବାକୁ କହି ୧୫ ଲକ୍ଷ ଟଙ୍କା ଦାବି କରିଥିଲେ।ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ଅଭିଯୋଗକାରୀ ବିଭିନ୍ନ ପର୍ଯ୍ୟାୟରେ ଅନଲାଇନ୍ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ ୮ ଲକ୍ଷ ୩ ହଜାର ୨୩୦ ଟଙ୍କା ଏବଂ ନଗଦ ୨ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ତେବେ ଚାକିରି ସମ୍ପର୍କରେ ପଚାରିବାରୁ ଅଭିଯୁକ୍ତ ବିଭିନ୍ନ ଆଳ ଦେଖାଇ ସମୟ ଗଡ଼ାଇବା ସହ ପରେ ମୋବାଇଲ୍ ଫୋନ୍ ବନ୍ଦ କରି ଫେରାର ହୋଇଯାଇଥିଲେ। ଟଙ୍କା ଫେରସ୍ତ ମାଗିବାରୁ ଓଲଟା ଆଉ ୪ ଲକ୍ଷ ଟଙ୍କା ଦାବି କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି।ଏନେଇ ଅଭିଯୋଗକାରୀ ଗତ ୭ ନଭେମ୍ବର ୨୦୨୬ରେ ପାହାଲ ଥାନାରେ ଲିଖିତ ଏତଲା ଦେଇଥିଲେ। ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ପାହାଲ ଥାନା ପୋଲିସ ମାମଲା ରୁଜୁ କରିବା ସହ ବ୍ୟାଙ୍କ କାରବାର ଓ ଆର୍ଥିକ ଦସ୍ତାବିଜ୍ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲା। ବିଶ୍ୱସ୍ତ ସୂତ୍ରରୁ ଅଭିଯୁକ୍ତଙ୍କ ଅବସ୍ଥିତି ସମ୍ପର୍କରେ ଖବର ପାଇ ପାହାଲ ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ନରସିଂହପୁର ଥାନା ପୋଲିସର ସହଯୋଗରେ କଟକ ଜିଲ୍ଲା ନରସିଂହପୁର ଥାନା ଅନ୍ତର୍ଗତ ଓସୁନାରାୟଣପୁର ଅଞ୍ଚଳରେ ଚଢ଼ାଉ କରିଥିଲା। ସେଠାରେ ଜଣେ ସମ୍ପର୍କୀୟଙ୍କ ଘରୁ ଅଭିଯୁକ୍ତ ପ୍ରଶାନ୍ତ କୁମାର ଦାସଙ୍କୁ ପୋଲିସ କାବୁ କରିଥିଲା।ପଚରାଉଚରା ସମୟରେ ଚାକିରି କରାଇଦେବା ନାଁରେ ୧୦ ଲକ୍ଷ ୫୩ ହଜାର ୨୩୦ ଟଙ୍କା ନେଇଥିବା ସେ ସ୍ୱୀକାର କରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ତାଙ୍କଠାରୁ ବ୍ୟାଙ୍କ କାରବାର ସମ୍ପର୍କିତ ବିବରଣୀ ଓ ଆର୍ଥିକ ଦସ୍ତାବିଜ୍ ଜବତ କରାଯାଇଛି। ଅଭିଯୁକ୍ତଙ୍କ ଘର କଟକ ଜିଲ୍ଲା ବଡ଼ମ୍ବା ଥାନା ଅନ୍ତର୍ଗତ ପଥୁରିଆ ସାହି ହୋଇଥିବା ବେଳେ ସେ ବର୍ତ୍ତମାନ ରୁଦ୍ରପୁର ଅଞ୍ଚଳରେ ରହୁଥିଲେ। ପାହାଲ ଥାନା କେସ୍ ନଂ ୪୮୬, ତା. ୦୭.୧୧.୨୦୨୬, ବିଏନ୍ଏସ୍ ଧାରା ୩୧୮(୪), ୩୧୯(୨) ଓ ୩୫୧(୨) ଅନୁଯାୟୀ ମାମଲା ରୁଜୁ ହୋଇଥିବା ବେଳେ ଆଜି ୧୫ ନଭେମ୍ବରରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।ଏହି ଘଟଣାରେ ପାହାଲ ଥାନା ପୋଲିସର ତତ୍ପରତା, ତଦନ୍ତରେ ନିଷ୍ଠା ଏବଂ ଅନ୍ୟ ଥାନା ସହ ସମନ୍ୱୟ ରକ୍ଷା କରି ଅଭିଯୁକ୍ତଙ୍କୁ ଧରିବାର ସଫଳତା ପ୍ରଶଂସନୀୟ। ଚାକିରିର ପ୍ରଲୋଭନ ଦେଖାଇ ନିରାହ ଯୁବକଙ୍କୁ ଠକୁଥିବା ଏଭଳି ଠକଙ୍କ ବିରୋଧରେ ପୋଲିସର କଡ଼ା ପଦକ୍ଷେପ ସମାଜ ପାଇଁ ଏକ ସକାରାତ୍ମକ ବାର୍ତ୍ତା। ତେବେ ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।ପ୍ରକାଶନ ପାଇଁ ଛୋଟ ପରାମର୍ଶ: ଅଭିଯୁକ୍ତଙ୍କ ଦୋଷ ଅଦାଲତରେ ପ୍ରମାଣିତ ହୋଇନଥିବାରୁ ଖବରରେ ତାଙ୍କୁ 'ଅଭିଯୁକ୍ତ' ବୋଲି ଉଲ୍ଲେଖ କରିବା ଉଚିତ। ଏହା ସହ ମୂଳ ପୋଲିସ ସୂଚନାରେ ଅଗଷ୍ଟ ୨୦୨୬ର ଉଲ୍ଲେଖ ରହିଥିବାରୁ ପ୍ରକାଶ ପୂର୍ବରୁ ଘଟଣାର ତାରିଖ ଥାନା ସହ ଥରେ ମେଳ କରିନେବେ।

ଟ୍ୟାଙ୍କର ଧକ୍କାରେ ୧୩ ବର୍ଷୀୟ ନାବାଳକଙ୍କ ମୃତ୍ୟୁ
ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ରାସ୍ତା ଅବରୋଧ



ଖୋରଧା ୧୫।୧୧(ନି.ସୂ) : ଖୋରଧା ଜିଲକ୍ଷ ଟାଙ୍ଗିଆପଡ଼ା ହନୁମାନ ମନ୍ଦିର ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୩ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ଘଟିଛି। ଏକ ଭାରତ ଗ୍ୟାସ୍ ଟ୍ୟାଙ୍କର ଧକ୍କାରେ ନାବାଳକଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତ୍ୟୁ ଘଟଣାରେ କ୍ଷୁବ୍ଧ ଗ୍ରାମବାସୀ ହଳଦିଆ-ଖୋରଧା ରାସ୍ତାକୁ ଅବରୋଧ କରି ପ୍ରତିବାଦ କରିଛନ୍ତି। ଫଳରେ ରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାବେଳେ ଗ୍ରାମବାସୀଙ୍କ ଦାବି ଓ ପ୍ରଶାସନର ପଦକ୍ଷେପକୁ ନେଇ ସମସ୍ତଙ୍କ ନଜର ରହିଛି।

ବିଶୋଇରେ ବୀର ବିର୍ସା ମୁଣ୍ଡାଙ୍କ ୧୫୨ତମ ଜୟନ୍ତୀ
ଜଳ, ଜଙ୍ଗଲ ଓ ଜମିର ସୁରକ୍ଷା ସହ ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ଐକ୍ୟବଦ୍ଧ ହେବାକୁ ଆହ୍ୱାନ



ବିଶୋଇ, ମୟୂରଭଞ୍ଜ, ୧୫।୧୧ (ନି.ସୂ): ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ଜନନାୟକ 'ଧରତୀ ଆବା' ବୀର ବିର୍ସା ମୁଣ୍ଡାଙ୍କ ୧୫୨ତମ ଜୟନ୍ତୀ ବିଶୋଇଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ବାର୍ସାମୁଣ୍ଡା ସ୍ମୃତି କମିଟି, ବିଶୋଇ ଆନୁକୂଲ୍ୟରେ ରବିବାର ବିଶୋଇ ଛକସ୍ଥିତ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଏହି ଜୟନ୍ତୀ ଉତ୍ସବ ଭକ୍ତି, ଶ୍ରଦ୍ଧା ଓ ଉତ୍ସାହର ସହ ପାଳନ କରାଯାଇଥିଲା।

କାର୍ଯ୍ୟକ୍ରମର ଆରମ୍ଭରେ ପୂଜକ ରଜତ ସିଂ ଓ ଯଦୁନାଥ ହେମ୍ବ୍ରମ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଉପସ୍ଥିତ ସମସ୍ତ ସଦସ୍ୟ ଶପଥ ପାଠ କରିଥିବା ବେଳେ ମଶାଲ ବାହକ ଲାଲମୋହନ ସାହୁଙ୍କ ନେତୃତ୍ୱରେ ଉତ୍ସବ ଆଗକୁ ବଢ଼ିଥିଲା। ପରେ ଅତିଥି ଓ କମିଟିର କର୍ମକର୍ତ୍ତାମାନେ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ମହାନ ଜନନାୟକଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ବକ୍ତାମାନେ ବୀର ବିର୍ସା ମୁଣ୍ଡାଙ୍କ ସଂଘର୍ଷମୟ ଜୀବନୀ, ଦେଶପ୍ରେମ ଓ ଆଦିବାସୀ ସମାଜ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ୧୮୭୫ ମସିହା ନଭେମ୍ବର ୧୫ ତାରିଖରେ ଝାଡ଼ଖଣ୍ଡର ଉଲିହାତୁ ଗ୍ରାମରେ ଜନ୍ମଗ୍ରହଣ କରିଥିବା ବିର୍ସା ମୁଣ୍ଡା ମାତ୍ର ୨୫ ବର୍ଷ ବୟସରେ ବ୍ରିଟିଶ ଶାସନ ଓ ଜମିଦାରୀ ଶୋଷଣ ବିରୋଧରେ 'ଉଲଗୁଲାନ' ନାମରେ ମହାବିଦ୍ରୋହର ନେତୃତ୍ୱ ନେଇଥିଲେ।

ଜଳ, ଜଙ୍ଗଲ ଓ ଜମିର ସୁରକ୍ଷା ସହ ଆଦିବାସୀଙ୍କ ସ୍ୱାଭିମାନ, ଅଧିକାର ଓ ସ୍ୱାଧୀନତା ପାଇଁ ସେ ଜୀବନବ୍ୟାପୀ ସଂଘର୍ଷ କରିଥିଲେ। ତାଙ୍କର ସାହସ, ତ୍ୟାଗ

ଜାତୀୟ ତାଇକୋଣ୍ଡୋ ଚାମ୍ପିୟନସିପ୍‌ରେ ଗୁଣପୁରର ୩ ଖେଳାଳିଙ୍କୁ ପଦକ



ଗୁଣୁପୁର,୧୫।୧୧(ନି.ସୂ) : ଜାତୀୟସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତାରେ ଚମକିଲେ ଗୁଣପୁରର ଖେଳାଳି। ବ୍ରହ୍ମପୁରସ୍ଥିତ ଏନ୍‌ଆଇଏସ୍‌ଟି ବିଶ୍ୱବିଦ୍ୟାଳୟ ପରିସରରେ ନଭେମ୍ବର ୧୪ ଓ ୧୫ ତାରିଖରେ ଆୟୋଜିତ ଓପନ୍ ନ୍ୟାସନାଲ ତାଇକୋଣ୍ଡୋ ଚାମ୍ପିୟନସିପ୍-୨୦୨୬ରେ ଗୁଣପୁରର ଫିନିକ୍ସ ତାଇକୋଣ୍ଡୋ ଏକାଡେମୀର ତିନିଜଣ ପ୍ରତିଯୋଗୀ ପଦକ ହାସଲ କରି ସଫଳତା ଅର୍ଜନ କରିଛନ୍ତି। ଗୁଣପୁର ଶେଖରନଗର ଗଜଲକ୍ଷ୍ମୀ ପୂଜା ମଣ୍ଡପ ନିକଟସ୍ଥ ଫିନିକ୍ସ ତାଇକୋଣ୍ଡୋ ଏକାଡେମୀରୁ ଭାଗ ନେଇଥିବା ସତ୍ୟସ୍ୱରୂପ ପାଣିଗ୍ରାହୀ ରୌପ୍ୟ ପଦକ ହାସଲ କରିଥିବା ବେଳେ ସମ୍ବୋଧ କୁମାର ଗୌଡ଼ ଓ ବାବୁଲା ସାବର କାଂସ୍ୟ ପଦକ ହାସଲ କରିଛନ୍ତି। ପଦକ ସହିତ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଛି।


ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶ ଆଦି ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀମାନେ ଯୋଗଦେଇଥିଲେ। ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିବା ଜଣାପଡ଼ିଛି। ଏକାଡେମୀର କୋଚ୍ ତଥା ବ୍ଲାକ୍ ବେଲ୍ଟଧାରୀ ଚନ୍ଦନ ମହାପାତ୍ରଙ୍କ ପ୍ରଶିକ୍ଷଣ ଓ ମାର୍ଗଦର୍ଶନରେ ଖେଳାଳିମାନେ ଏହି ସଫଳତା ହାସଲ କରିଛନ୍ତି। ଗୁଣପୁରର ଏହି ତିନି ଯୁବ ଖେଳାଳିଙ୍କ ସଫଳତାରେ ଏକାଡେମୀ, ଅଭିଭାବକ ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

ସ୍ୱାଭିମାନୀ ଶୁଭଦ୍ରା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ପଣ୍ଡିତ ଜବାହାର ଲାଲ ଜୟନ୍ତୀ ପାଳିତ




କଟକ, ୧୫।୧୧ (ନି.ସୂ)ସ୍ଥାନୀୟ ବିଦାନାସୀସ୍ଥ ସ୍ୱାଭିମାନୀ ଶୁଭଦ୍ରା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶିଶୁ ଦିବସ ତଥା ଆମ ଦେଶ ର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ୧୩୭ତମ ଜନ୍ମଦିନ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ମୁଖ୍ୟଅତିଥି ଓ ଇଂ ବିଜୟ କୁମାର ପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଶିଶୁ ଦିବସ ର ପାଳନ ସମ୍ପର୍କ ରେ ସମ୍ୟକ ଧାରଣା ପ୍ରଦାନ କରିବା ସହ ଛୋଟଛୋଟ ପିଲାଙ୍କୁ ପ୍ରେରଣା ଦାୟକ ସମାଜ ଉପଯୋଗୀ ବାର୍ତ୍ତା ଦେଇ ପାଠ୍ୟ ପୁସ୍ତକ, ଖୁଖୁଲା ଖାଦ୍ୟ ବଣ୍ଟନ କରିଥିଲେ । କୀର୍ତ୍ତି ରଞ୍ଜନ ସାହୁ ଓ ଯୁବସମାଜସେବୀ ବିବେକ ଦଳାଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୀତାଞ୍ଜଳି ସାହୁ କାର୍ଯ୍ୟକ୍ରମ କୁ ସଂଯୋଜନା କରିଥିଲେ । କଳ୍ପନା ବେହେରା ସ୍ୱତନ୍ତ୍ର ଅତିଥି ରୂପେ ଯୋଗଦେଇଥିଲେ ଓ କାକଳି ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ ।

ଏଲିଟ ଅଲମ୍ପିୟାଡ ଫାଉଣ୍ଡେସନ ପକ୍ଷରୁ ଶିକ୍ଷକ ଓ ଛାତ୍ର ଆଇକନ ଆୱାର୍ଡ଼ ପ୍ରଦାନ



ବାଲିଆପାଳ,୧୫।୧୧(ନି ସୂ) ଶିଶୁ ଦିବସ ଅବସର ରେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିନସ୍ଥ ତାପୁଣ୍ଡିଆ ପିଏମଶ୍ରୀ କୁଞ୍ଜବିହାରୀ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପରମାନନ୍ଦ ଦେ ଓ ଛାତ୍ର ସୁବାଶିଷ ଘୋଷଙ୍କୁ ଏଲିଟ ଅଲମ୍ପିୟାଡ ଫାଉଣ୍ଡେସନ ପକ୍ଷରୁ ଆଇକନ ଆୱାର୍ଡ଼ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଫାଉଣ୍ଡେସନ ପକ୍ଷରୁ ପୁରୀ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇ ଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୋଲିସ ଆଇଜି ଡ଼. ସତ୍ୟଜିତ୍ ନାୟକ ଓ ଅବସରପ୍ରାପ୍ତ ଆଇଏଏସ୍ ମାନସ ଦାସ ଯୋଗ ଦେଇ ତାପୁଣ୍ଡିଆ କୁଞ୍ଜବିହାରୀ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ପରମାନନ୍ଦ ଦେଙ୍କୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଏଲିଟ ଟିଚର ଆଇକନ ଏବଂ ନବମ ଶ୍ରେଣୀର ଛାତ୍ର ସୁବାଶିଷ ଘୋଷ ଇଂରାଜୀ ରେ ପ୍ରଥମ ହୋଇ ଥିବାରୁ ତାଙ୍କୁ ଷ୍ଟୁଡେଣ୍ଟ ଆଇକନ ପୁରସ୍କାର ପ୍ରଦାନ କରାଯାଇଛି। ଏହା ଦ୍ୱାରା ବାଲିଆପାଳ ବ୍ଲକ ସହିତ ଉକ୍ତ ବିଦ୍ୟାଳୟର ଗୌରବ ମଣ୍ଡନ ହୋଇଛି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

ବ୍ଲକ ଶିକ୍ଷା ଅଧିକାରୀଙ୍କ ଅକାଳ ବିୟୋଗ



ପଟ୍ଟାମୁଣ୍ଡାଇ ୧୫।୧୧ (ନି.ସୂ) ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷା ଅଧିକାରୀ ଅଜିତ କୁମାର ବାରିକଙ୍କ ହୃଦଘାତରେ ଆଜି ଅକାଳ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୯ବର୍ଷ ହୋଇଥିଲା। ଆସନ୍ତା ମାର୍ଚ୍ଚ ମାସରେ ସେ ଅବସର ନେଇଥାଆନ୍ତେ। ତାଙ୍କ ମୃତୁ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ସେ ଜଣେ ଦକ୍ଷ ଓ ସଚ୍ଚୋଟ ଅଫିସର ଭାବରେ ପଟ୍ଟାମୁଣ୍ଡାଇ ରେ କ୍ଷାତି ରହିଥିଲା। ଆଜି ଶ୍ରୀ ବାରିକ ତାଙ୍କ ଜଣ୍ଟିଲୋ ବାସଭବନରେ ଥିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କ ଘର ନିକଟରେ ଥିବା ଏକ ଘରୋଇ ଡାକ୍ତରଖାନା କୁ ନିଆଯାଇଥିଲା। ସେଠାରେ ସେ ମୃତ୍ୟୁବରଣ କରିଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଏବିଓ ସୁନିତା ଦାଶ, ପ୍ରଧାନ ଶିକ୍ଷକ ଶୁଭ୍ରାଂଶୁ ଦାସ,ସୁକଦ୍ୱେ ସେଠୀ, ରାଜ୍ୟ ଶିକ୍ଷକ ସଂଘ ନେତା ମଳୟ ଜେନା,କରୁଣାକର ବଳ,ପ୍ରେମାନନ୍ଦ ଜୀବନ ଦାସ,ବିଶ୍ୱରଂଜନ ଦାଶ, ପ୍ରଦୀପ ତରାଇ,ପୂର୍ବତନ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ଜେନା,କବି ସଚିତ୍ର ବେହୁରା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ବିଧାୟକ ଧ୍ରୁବ ସାହୁ, ପୌରାଧକ୍ଷ ହେମନ୍ତ କୁମାର ସାହୁ,ସୁଶୀଳ ପରିଡା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୃତୁ ଶଯ୍ୟା ନିକଟରେ ପତ୍ନୀ ଶିକ୍ଷୟତ୍ରୀ ଉର୍ମିଳା ଜେନା,ପୁଅ କ୍ଷିତିସ ବାରିକ ଓ ପରିବାର ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ।

ସେବା, ତ୍ୟାଗ ଓ ସଂଘର୍ଷ ବିନା କର୍ତ୍ତବ୍ୟ ପାଳନ ଅଧୁରା

ମୁଁ ବି ଲଢୁଛି, ତୁମେ ବି ଲଢ଼ : ବବି





ପ୍ରଣବଙ୍କୁ ଭେଟିଲେ ଯୁବ ଛାତ୍ର ନବ ନିଯୁକ୍ତ ନେତା

ଯାଜପୁର, ୧୫।୧୧(ନି.ସୂ): ରାଜ୍ୟରେ କ୍ୟାମ୍ପସ ନିର୍ବାଚନରେ ଜବରଦସ୍ତ ବିଜୟ ପରେ ଉତ୍ସାହିତ ବିଜେଡି ଗତକାଲି ଯାଜପୁର ଜିଲ୍ଲାର ଯୁବ ଓ ଛାତ୍ର ନେତୃତ୍ୱକୁ ଅଧିକ ଶାଣିତ ଓ ଶୃଙ୍ଖଳିତ ସହ ଆଗାମୀ ଦିନରେ ଦଳର ସ୍ଥିତିକୁ ମଜବୁତ କରିବା ଲକ୍ଷରେ ଜିଲ୍ଲାର ସମସ୍ତ ୧୦ ଟି ବ୍ଲକ ଓ ୨ଟି ପୌର ପରିଷଦ ନିମନ୍ତେ ୧୨୫ ଜଣିଆ ଟିମ ଘୋଷଣା କରିଥିଲା । ଯେଉଁଥିରେ ପ୍ରତି ବ୍ଲକ ଓ ପୌରପରିଷଦ ପାଇଁ ଜଣେ ଯୁବ ସଭାପତି ଓ ଜଣେ ଛାତ୍ର ସଭାପତି ହିସାବରେ ମୋଟ ୨୫ ଯୋଦ୍ଧା ସହ ଉଭୟ ଯୁବ ଛାତ୍ରଙ୍କ ନିମନ୍ତେ ୫୦ ଜଣ ଲେଖାଏଁ କର୍ମ କର୍ତ୍ତା ଘୋଷଣା କରିବା ପରେ ନିଯୁକ୍ତ ଯୁବ ଓ ଛାତ୍ର ନେତାଙ୍କ ଉତ୍ସାହ ଶିଖର ଛୁଇଁ ଥିବା ବେଳେ ଯୁବ ଛାତ୍ର ନେତା ଓ କର୍ମକର୍ତ୍ତାମାନେ ନିଜ ନିଜ ବ୍ଲକ ଓ ନିର୍ବାଚନ ମଣ୍ଡଳୀର ନେତାଙ୍କୁ କୃତଜ୍ଞତା ଜଣାଇବା ସହ ଦଳର ନିତି ଆଦର୍ଶ ରେ ନିଜର ସର୍ବ ଶ୍ରେଷ୍ଠ ତ୍ୟାଗ ଓ ଲୟ ସହ ଦଳ ପାଇଁ କାମ କରିବେ ବୋଲି ଗତକାଲି ସେମାନଙ୍କ ପ୍ରଥମ ପ୍ରତିକ୍ରିୟାରେ କହିଥିଲେ । ଆଜି କୋରେଇ, ରସୁଲପୁର, ଯାଜପୁର ବ୍ଲକ, ଯାଜପୁର ଓ ବ୍ୟାସନଗର ପୌରପରିଷଦର ନବ ନିଯୁକ୍ତ ଯୁବ ଓ ଛାତ୍ର ନେତା ଶହ ଶହ ସଂଖ୍ୟାରେ ଏକ ବିଶାଳ ପଟୁଆରରେ ଆସି ତାଙ୍କର ଆଦର୍ଶ ପ୍ରିୟ ନେତା ତଥା ପ୍ରଣବ ପ୍ରକାଶ ଦାସଙ୍କୁ ଯାଜପୁର ସ୍ଥିତ ତାଙ୍କ ବାସଭବନରେ ଭେଟି ଜବରଦସ୍ତ ଉତ୍ସାହର ସହ କୃତଜ୍ଞତା ଜଣାଇଥିଲେ । ପ୍ରଣବ ସମସ୍ତଙ୍କୁ ସ୍ୱାଗତ କରିବା ସହ ଗୁରୁମନ୍ତ୍ର ଦେଇଥିଲେ । ମୁଁ ବି ଲଢୁଛି, ତୁମେ ବି ଲଢ଼ । ଲଢ଼ିବା ଜାରିରଖ, ସେବା, ତ୍ୟାଗ ଓ ସଂଘର୍ଷ ବିନା ସଫଳତା ଶୂନ । ଆଜି ପ୍ରଣବଙ୍କୁ ସାକ୍ଷାତ କରିଥିବା ପ୍ରମୁଖଙ୍କ ମଧ୍ୟରେ ଯୁବ ସଭାପତି ଭାବେ ଦେବଦତ୍ତ ସୌଭାଗ୍ୟ କୁମାର ସ୍ୱାଇଁ - କୋରେଇ , ତୁଷାର ରଞ୍ଜନ ବେହେରା -ଯାଜପୁର ପୌରପରିଷଦ,ମନୋଜ ପରିଡା -ବ୍ୟାସନଗର ପୌର ପରିଷଦ, ସବ୍ୟସାଚୀ ଦାଶ- ରସୁଲପୁର, , ଅଜୟ ମହାନ୍ତି -ଯାଜପୁର, ସେହିପରି ଛାତ୍ର ନେତା ରୂପେ ସର୍ବୋପରି, ରମାକାନ୍ତ ସାହୁ -କୋରେଇ, ସୌମ୍ୟରଂଜନ ପଟ୍ଟନାୟକ -ରସୁଲପୁର ,ଅଜୟ ନନ୍ଦ କବି -ଯାଜପୁର , ଆରୟମାନ ଅଗ୍ନିହୋତ୍ରୀ - ଯାଜପୁର ପୌରପରିଷଦ,ସିଦ୍ଧାର୍ଥ ନାୟକ - ବ୍ୟାସନଗର ପୌର ପରିଷଦ । ସର୍ବଜିତ ସ୍ୱାଇଁ - ଧର୍ମଶାଳା, ଅବିନାଶ ବାରିକ -ବରି - ସୁକିନ୍ଦା,ଜୟପ୍ରକାଶ ସାହୁ -ଦାନଗଡି, ଦିଲ୍ଲୀପ କୁମାର ରାଉଳ -ବିଞ୍ଝାରାପୁର,ପ୍ରଦୀପ୍ତ ମହାନ୍ତି -ବଡ଼ଚଣା, ପ୍ରଶାନ୍ତ ମାହାଲା -ଚଣ୍ଡିଖୋଲ ଏନ ଏ ସି ପାଇଁ ଯୁବ ସଭାପତି ଭାବେ ନିଯୁକ୍ତ ହୋଇଥିବା ବେଳେ ଛାତ୍ର ସଭାପତି ରୂପେ ରଘୁନାଥ ଦାଶ -ଧର୍ମଶାଳା,ଲଲିନ ଦାସ -ବିଞ୍ଝାରାପୁର,ସନ୍ୟାସୀ ସାମଲ -ସୁକିନ୍ଦା,ବିକି ଦାସ -ଦାନଗଡି,ସନ୍ତୋଷ ଜେନା -ବରି, ଖାଁ - ଚଣ୍ଡିଖୋଲ ଏନଏସି ନିମନ୍ତେ ନିଯୁକ୍ତି ପାଇଛନ୍ତି ।

ବିର୍ସା ମୁଣ୍ଡାଙ୍କ ଜିଲ୍ଲାସ୍ତରୀୟ 'ଜନଜାତୀୟ ଗୌରବ ଦିବସ' ପାଳିତ



ଆଠଗଡ଼, ୧୫।୧୧ (ନି.ସୂ): ମହାନ ଜନଜାତୀୟ ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଅବସରରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପୂର୍ବାହ୍ନରେ ଆଠଗଡ଼ ବ୍ଲକ୍ ? ଅନ୍ତର୍ଗତ ମାଧବପୁରସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ 'ଜନଜାତୀୟ ଗୌରବ ଦିବସ-୨୦୨୬' ପାଳିତ ହୋଇଯାଇଛି। ଏହି ସମାରୋହରେ ୮୦୦ରୁ ଊର୍ଦ୍ଧ୍ୱ ଜନଜାତି ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ, ଜନଜାତି ନେତୃବୃନ୍ଦ ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଆଠଗଡ଼ ଉପଜିଲ୍ଲାପାଳ ଅନିମେଷ ପ୍ରଧାନ, ଜିଲ୍ଲା ମଙ୍ଗଲ ଅଧିକାରୀ ଅନୁପୂର୍ଣ୍ଣା ଦେବୀ, ଉପଖଣ୍ଡ ମଙ୍ଗଲ ଅଧିକାରୀ ହେମନ୍ତ କୁମାର ଜେନା, କଟକର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଅତିଥିମାନେ ଭଗବାନ ବିର୍ସା ମୁଣ୍ଡାଙ୍କ ତ୍ୟାଗ, ସାହସ ଓ ଦେଶପ୍ରେମ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମତବ୍ୟକ୍ତ କରିବା ସହ ଜନଜାତିଙ୍କ ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ଜୀବନଶୈଳୀ ଆମ ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରିଥାଏ ବୋଲି କହିଥିଲେ।

ଏହି ଅବସରରେ ମହାରାଷ୍ଟ୍ରଠାରେ ଆୟୋଜିତ ଜାତୀୟସ୍ତରୀୟ ସମାରୋହରୁ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ ଦେଖାଯାଇଥିଲା। ଛାତ୍ରଛାତ୍ରୀମାନେ ପାରମ୍ପରିକ ଜନଜାତି ନୃତ୍ୟ, ଗଳ୍ପ କଥନ ଓ ନାଟକ ପରିବେଷଣ କରିଥିବାବେଳେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନଜାତି କଲ୍ୟାଣ ଯୋଜନା ସମ୍ପର୍କିତ ପ୍ରଦର୍ଶନୀ ଷ୍ଟଲ୍ ଓ ପାରମ୍ପରିକ ଜନଜାତି ଖାଦ୍ୟ ଷ୍ଟଲ୍ ଆୟୋଜିତ ହୋଇଥିଲା।

ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ୱେତପଦ୍ମା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଉପସ୍ଥିତ ଅତିଥି, ଅଂଶଗ୍ରହଣକାରୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ସାମୂହିକ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା।

ବିଜୁ ଜନତା ଦଳର ମିଶ୍ରଣ ପର୍ବ

ବିଜେଡିରେ ମିଶିଲେ ଶତାଧିକ ବ୍ୟକ୍ତି



ରାଜନଗର,୧୫।୧୧ : ବିଜେଡିର ଜନସମ୍ପର୍କ ପଦଯାତ୍ରା ଅବସରରେ ଶତାଧିକ ଅନ୍ୟ ଦଳର କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ରାଜନଗର ବିଧାୟକ ଶ୍ରୀ ସାହୁଙ୍କ ଦୃଢ ନେତୃତ୍ୱ ଓ ବିକାଶମୂଳକ କାମ ପ୍ରତି ଆକର୍ଷିତ ହୋଇ ଆଜି ଭିତରଗଡ ,ମହିଂସାସୁର , ବ୍ରାହ୍ମଣୀସାହି , କଣ୍ଡିରା, ଚାନ୍ଦିବାଉଁଶମୂଳ, ଡେରା ଓ ଡାଙ୍ଗମାଳ ପଞ୍ଚାୟତର ଶହ ଶହ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି । ଭିତରଗଡ ପଞ୍ଚାୟତର ଯୁବନେତା ସମୀର ବଳଙ୍କ ନେତୃତ୍ୱରେ ପରେଶ ରାଉତରାୟ , ଗୋଲେଖ ଚଣ୍ଡ , ବନମାଳୀ ମାଝି , କପିଳ ଚରଣ ଚଣ୍ଡ , ରବୀନ୍ଦ୍ର ଚଣ୍ଡ, ଅର୍ଜୁନ ଜେନା, ଦୁର୍ଯ୍ୟୋଧନ ସାହୁ , ଜିତେନ୍ଦ୍ର ଖଟୁଆ , ଶ୍ୟାମ ସୁନ୍ଦର ପାତ୍ର , ପ୍ରାଣକୃଷ୍ଣ ସାହୁ , ସୁଶାନ୍ତ ସାହୁ , ଅମର ରାଉତ , ଅଶୋକ ପ୍ରଧାନ , ରବୀନ୍ଦ୍ର ସାହୁ , ଲିପୁ ପ୍ରଧାନ , ସର୍ବେଶ୍ୱର ପ୍ରଧାନ , ଦିବାକର ପଲେଇ, ଶ୍ରୀକାନ୍ତ ସାହୁ , ମଙ୍ଗୁଳି ସେଠୀ , ବିଜୁଳି ଦାସ , ଦିବାକର ବାରିକ , ଗୋବିନ୍ଦ ମଣ୍ଡଳ , ବାସନ୍ତୀ ସର୍ଦାର , ରାଜପାଳ ମଣ୍ଡଳ , କାଜଲ ସର୍ଦାର , ଯଶୋଦା ମିସ୍ତୀ , ସାରଥି ମଣ୍ଡଳ , ନଳିନ ଦାସ , ଫକିର ସାହୁ , ଅଶୋକ ନାୟକ ପ୍ରମୁଖ ବହୁ କର୍ମୀ କଂଗ୍ରେସ ଓ ବିଜେପି ଛାଡି ବିଜେଡିରେ ସାମିଲ ହୋଇଥିଲେ । ସେହିପରି ମହିଂସାସୁର ପଞ୍ଚାୟତର ବଟକୃଷ୍ଣ ଜେନା , ପ୍ରଫୁଲ୍ଲ ରାଉତ , ବିଜୟ ବିଶ୍ୱାଳ , ଅଲେଖ ତାଡୁ, ଗୋଲେଖ ତାଡୁ ,ମଦନମୋହନ ମାହୁନ୍ତ ,ପ୍ରକାଶ ପ୍ରଧାନ , ପିତାମ୍ବର ଦାସ , ପ୍ରହ୍ଲାଦ ରାଉତ , ପବିତ୍ର ରାଉତ , ଅମର କୁମାର ଜେନା, ବିଜୟ କୁମାର ରାଉତ, ବ୍ରହ୍ମାନନ୍ଦ ବଳ ,ସନ୍ତୋଷ କୁମାର ରାଉତ , ଧରଣୀଧର ଜେନା, ରମାକାନ୍ତ ଜେନା , ବିଷ୍ଣୁ ସେଠୀ , ଜୟନ୍ତ ତାଡୁ, ରଜନୀକାନ୍ତ ରାଉତ , ସନ୍ତୋଷ ସୁତାର ବିଜେଡି ସାମିଲ ହୋଇଛନ୍ତି। ସେହିପରି ଚାନ୍ଦିବାଉଁଶମୂଳ ପଞ୍ଚାୟତର ଦିଗାମ୍ବର ମହାନ୍ତି , ଝାଁସୀରାଣୀ ରାଉତ , ଲକ୍ଷ୍ମୀଧର ଭୂୟାଁ, ନୃସିଂହ ରାଉଳ , ଲମ୍ବୋଧର ସାମଲ , ବ୍ରାହ୍ମଣୀସାହି ପଞ୍ଚାୟତର ପ୍ରଦୀପ ମଲ୍ଲିକ , ଶଙ୍କର ମଲ୍ଲିକ , ସର୍ବେଶ୍ୱର ମଲ୍ଲିକ , ବାବାଜୀ ମଲ୍ଲିକ , କାଳନ୍ଦି ମଲ୍ଲିକ , ବିକାଶ ମଲ୍ଲିକ , ଡାଙ୍ଗମାଳ ପଂଚାୟତର ବରିଷ୍ଠ ବିଜେପି ନେତା ଗଗନ କୁଆଁର ବିଜେପି ଛାଡି ବିଜେଡିରେ ସାମିଲ ହୋଇଛନ୍ତି । ଡେରା ପଞ୍ଚାୟତର ପ୍ରଫୁଲ କଣ୍ଡ , କଣ୍ଡିରା ପଞ୍ଚାୟତର ବାସୁଦେବ ମଲ୍ଲିକ , ମୁରଲୀଧର ନାୟକ ପ୍ରମୁଖ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ବିଧାୟକ ଶ୍ରୀସାହୁ , ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ , କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମହାନ୍ତି , ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଦଳୀୟ ଉତ୍ତରୀୟ ଦେଇ ନୂତନ କର୍ମୀଙ୍କୁ ଦଳକୁ ସ୍ୱାଗତ କରିଥିଲେ ।

ସର୍ବଭାରତୀୟ ଇଣ୍ଟର ଇନଭାରସିଟି ବାବଡି ଟୁର୍ଣ୍ଣାମେଣ୍ଟ

ବାଲିଆପାଳ ଫିଜିକାଲ କଲେଜରୁ ୨ ଛାତ୍ର ମନୋନୀତ





ବାଲିଆପାଳ,୧୫।୧୧(ନି ସୂ) ଉତ୍ତର ପ୍ରଦେଶ ରେ ଚଳିତ ମାସ ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସର୍ବଭାରତୀୟ ଇଣ୍ଟର ଇନଭାରସିଟି ବାବଡି ଟୁର୍ଣ୍ଣାମେଣ୍ଟରେ ଫକୀମୋହନ ଇଉନିଭାରସିଟି ଜୁନରୁ ବାଲିଆପାଳ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟରରୁ ଶୁଭଙ୍କର ଦଳାଇ ବିପିଇଡର ପ୍ରଥମ ବର୍ଷର ଛାତ୍ର ଓ ଅଭିଜିତ ପାତ୍ର ବିପିଇଡର ଦ୍ୱିତୀୟ ବର୍ଷର ଛାତ୍ର ମନୋନୀତ ହୋଇ ଛନ୍ତି।ଫକୀମୋହନ ଇଉନିଭାରସିଟି ଜୁନର ୧୨ ଜଣ ଛାତ୍ରଙ୍କ ମଧ୍ୟରୁ ବାଲିଆପାଳ ଶାରିରୀକ ମହାବିଦ୍ୟାଳୟର ଦୁଇଜଣ ଛାତ୍ର ଏହି କବାଡ଼ି ଟୁର୍ଣ୍ଣାମେଣ୍ଟରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇ ଥିବାରୁ ଉଭୟ ଛାତ୍ରଙ୍କୁ ମହାବିଦ୍ୟାଳୟ ଓ ଛାତ୍ରୀ ଛାତ୍ରଙ୍କ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।୨ ଛାତ୍ର ସୋମବାର ଫକୀମୋହନ ଇଉନିଭାରସିଟି ଜୁନ ଟିମ ରେ ଯୋ

ଅନ୍ୟାୟ ବିରୋଧୀ ସଂଗ୍ରାମର ଅମର ପ୍ରତୀକ ବିରସା ମୁଣ୍ଡା

ନିମାପଡ଼ାରେ ୧୫୧ତମ ଜୟନ୍ତୀ ପାଳିତ; ଜଳ, ଜଙ୍ଗଲ ଓ ଜମିର ଅଧିକାର ସୁରକ୍ଷା ସହ ଛାତ୍ର ଏକତାର ଆହ୍ୱାନ

ନିମାପଡ଼ା, ୧୫/୧୧ (ନି.ସୂ): ଅନ୍ୟାୟ, ଶୋଷଣ ଓ ଔପନିବେଶିକ ଶାସନ ବିରୋଧରେ ସଂଗ୍ରାମର ଅମର ଇତିହାସ ସୃଷ୍ଟି କରିଥିବା ଧରତୀ ଆବା ବିରସା ମୁଣ୍ଡାଙ୍କ ଆଦର୍ଶ ଆଜି ମଧ୍ୟ ସମାଜ ପାଇଁ ପ୍ରେରଣାର ଉତ୍ସ। ତାଙ୍କର ୧୫୧ତମ ଜୟନ୍ତୀ ଅବସରରେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଏ.ଆଇ.ଏସ୍.ଏଫ୍. ୟୁନିଟ୍ ପକ୍ଷରୁ ରବିବାର ଘନଶ୍ୟାମ ଭବନଠାରେ ଏକ ସ୍ମରଣ ସଭା ଆୟୋଜିତ ହୋଇଥିଲା।

ପ୍ରାରମ୍ଭରେ ବିରସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ଅମର ସଂଗ୍ରାମ ଓ ତ୍ୟାଗକୁ ସ୍ମରଣ କରାଯାଇଥିଲା। ସଭାରେ ବକ୍ତାମାନେ କହିଥିଲେ, ୧୮୭୫ ମସିହା ନଭେମ୍ବର ୧୫ରେ ଝାଡ଼ଖଣ୍ଡର ଉଲିହାତୁ ଗ୍ରାମରେ ଜନ୍ମଗ୍ରହଣ କରିଥିବା ବିରସା ମୁଣ୍ଡା ଅତି କମ୍ ବୟସରୁ ଆଦିବାସୀ ସମାଜର ଅଧିକାର ଓ ସ୍ୱାଭିମାନର ସୁରକ୍ଷା ପାଇଁ ସଂଗ୍ରାମ ଆରମ୍ଭ କରିଥିଲେ। ଇଂରେଜ ଶାସନ ଓ ଜମିଦାରଙ୍କ ଶୋଷଣ ବିରୋଧରେ ତାଙ୍କର ଆନ୍ଦୋଳନ ଆଦିବାସୀ ସମାଜକୁ ଏକ ନୂତନ ଚେତନା ଦେଇଥିଲା।

ବିଶେଷକରି ୧୮୯୯ ମସିହାରେ ତାଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା 'ଉଲଗୁଲାନ୍' ବା ମହାବିଦ୍ରୋହ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସର ଏକ ସ୍ମରଣୀୟ ଅଧ୍ୟାୟ। ଜଳ, ଜଙ୍ଗଲ ଓ ଜମି ଉପରେ ଆଦିବାସୀଙ୍କ ଅଧିକାର ପ୍ରତିଷ୍ଠା ପାଇଁ ତାଙ୍କର ଲଢ଼େଇ ଆଜି ମଧ୍ୟ ସମାନ ଭାବରେ ପ୍ରାସଙ୍ଗିକ। ମାତ୍ର ୨୫ ବର୍ଷ ବୟସରେ ରାଞ୍ଚି ଜେଲ୍‌ରେ ତାଙ୍କର ଜୀବନାବସାନ ଘଟିଥିଲେ ମଧ୍ୟ ତାଙ୍କ ବିପ୍ଳବୀ ଚେତନା ଇତିହାସରେ



ଅମର ହୋଇ ରହିଛି।ବକ୍ତାମାନେ ଆହୁରି କହିଥିଲେ, ବିରସା ମୁଣ୍ଡାଙ୍କ ଜୟନ୍ତୀ କେବଳ ଏକ ଜନ୍ମଦିବସ ପାଳନ ନୁହେଁ; ଏହା ଆଦିବାସୀ ସମାଜର ଗୌରବ, ସ୍ୱାଭିମାନ ଓ ଅଧିକାରର ସ୍ମାରକୀ। ଆଜିର ଛାତ୍ର ସମାଜ ତାଙ୍କ ଜୀବନରୁ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାର ସାହସ, ନିଜ ସଂସ୍କୃତି ଓ ପରିଚୟ ପ୍ରତି ସମ୍ମାନ ଏବଂ ସାମୂହିକ ଏକତାର ଶିକ୍ଷା ଗ୍ରହଣ କରିବା ଆବଶ୍ୟକ।

କେବଳ ଇତିହାସର ପୃଷ୍ଠାରେ ବିରସାଙ୍କୁ ସୀମିତ ନରଖି ତାଙ୍କ ଆଦର୍ଶକୁ ଜୀବନରେ ପ୍ରତିଫଳିତ କରିବା ହିଁ ହେବ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। ଶିକ୍ଷା, ସମାନତା, ସାମାଜିକ ନ୍ୟାୟ ଓ ଶୋଷଣମୁକ୍ତ ସମାଜ ଗଠନ ପାଇଁ ଛାତ୍ର ସମାଜ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସଭାରେ ଆହ୍ୱାନ ଦିଆଯାଇଥିଲା।ଏହି କାର୍ଯ୍ୟକ୍ରମରେ ଏ.ଆଇ.ଏସ୍.ଏଫ୍. ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, ରାଜ୍ୟ ଯୁଗ୍ମ ସମ୍ପାଦିକା ଶୁଭ୍ରା ରାଣୀ ସାହୁ ଏବଂ ନିମାପଡ଼ା ମହାବିଦ୍ୟାଳୟ ଏ.ଆଇ.ଏସ୍.ଏଫ୍.ର ପୂର୍ବତନ ସମ୍ପାଦକ ସାଗର ପ୍ରଧାନଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିରସା ମୁଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ।

୩୫ ବର୍ଷର ଗିରିଗାଁ ମହାକାଳୀ ପୂଜା ବହୁ ଆଡ଼ମ୍ବରେ ପାଳିତ

ଆନନ୍ଦପୁର ୧୫/ ୧୧: ହାଟଡିହି ବ୍ଲକ ସମଣା ଗ୍ରାମପଞ୍ଚାୟତର ଗିରି ଗାଁ ଠାରେ ଦୀର୍ଘ ୩୫ ବର୍ଷ ଧରି ମହାକାଳୀ ପୂଜା ମଣ୍ଡପ ଅନୁଷ୍ଠିତ ହୋଇଆସୁଛି। ଖବରରୁ ଜଣାପଡିଛି ଯେ ପବିତ୍ର ବୈତରଣୀ ନଦୀ କୂଳରେ ଗିରି ଗାଁ ର ଶୋଭା ବର୍ଦ୍ଧନ କରୁଅଛି। ଏଠାରେ ଗାଁ ର ସମସ୍ତ ବ୍ୟକ୍ତି ବିଶେଷ ଭାବରେ ଛୋଟ ଠାରୁ ଯୁବକ ଓ ବୟସ୍କ ଲୋକେ ଏକତ୍ରିତ ହୋଇ ଭାଇଚାରାର ସଂସ୍କୃତି ପରମ୍ପରାକୁ ରକ୍ଷା କରିବା ପାଇଁ ନିଜସ୍ୱ ଚେଷ୍ଟା ଉଦ୍ୟମରେ ପ୍ରତିବର୍ଷ ଏହି ମହାକାଳୀ ପୂଜା ମେଢ଼ ମହାଆଡ଼ମ୍ବର ସହକାରେ ଆୟୋଜନ କରାଯାଇଥାଏ। ଏହା ପବିତ୍ର ଦିପାବଳୀ ଦିନ ଠାରୁ ଆରମ୍ଭ ହୋଇଥିବା ବେଳେ ମହାକାଳୀ ପୂଜା ମେଢ଼କୁ ଲାଗି ତୋରଣ ସହ ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପବିତ୍ର ବୈତରଣୀ ନଦୀରେ ଜଳପନ କରାଯାଇ ଘଟକଳସ ସ୍ଥାପନା ନିମିତ୍ତ ପୂଜା ମଣ୍ଡପ ନିକଟରେ ସମସ୍ତ ରୀତିନୀତି ଅନୁଯାୟୀ ମହାକାଳୀଙ୍କ ପୂଜା କାର୍ଯ୍ୟ ସମ୍ପାଦନ କରାଯାଇଥିଲା ବେଳେ, ପଣ୍ଡିତ କ୍ଷୀରୋଦ କରଙ୍କ ମନ୍ତ୍ର ଧ୍ୱନିରେ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ଶକ୍ତିର ଉତ୍ସ ପାଲଟିଛି। ଗିରି ଗାଁ କାଳୀପୂଜା ମଣ୍ଡପ ନିକଟରେ ସଂଧ୍ୟାରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହେଉଥିବା ଦେଖାଯାଏ। ଗିରିଗାଁ ଗ୍ରାମବାସୀଙ୍କ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଦୈନିକ ପ୍ରସାଦ ସେବନର ବ୍ୟବସ୍ଥା କରିଅଛନ୍ତି।ସେହିପରି ମେଢ଼ ପାର୍ଶ୍ୱରେ ବିଭିନ୍ନ ଖାଦ୍ୟ ଷ୍ଟଲ, ଘରକରଣା ସାମଗ୍ରୀ, ମନୋହରୀ ଦୋକାନ ବଜାର ଖୋଲିଥିଲା ବେଳେ, ଆଗାମୀ ୨୩ ତାରିଖ ଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଯାତ୍ରା ରାଜଦରବାର' ପରିବେଷଣ କରିବା ପାଇଁ ଜଗତ ଜୀବନ ପାଢ଼ୀ,ଲାଲମୋହନ ଖଟୁଆ, ବିକାଶ ଜେନା,ଗୋଲେଖ ଚନ୍ଦ୍ର ସ୍ୱାଇଁ, ସୁକଦେବ ଖଟୁଆ, ଶ୍ୟାମସୁନ୍ଦର ପାଢ଼ୀ, ବାବାଜୀ ପ୍ରଧାନ,ବିକାଶ କୁମାର ଜେନା,ବାବନ ଜେନା,ପ୍ରମୁଖ ଗ୍ରାମବାସୀଙ୍କ ଦ୍ୱାରା ସ୍ଥିରୀକୃତ ହୋଇଅଛି।

ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୨ ତମ ଜୟନ୍ତୀ ପାଳିତ

ଆଦିବାସୀ ଅସ୍ମିତାକୁ କେହି ମିଟାଇପାରିବେ ନାହିଁ , ଆଦିବାସୀ ସୁରକ୍ଷା ପାଇଁ ଲଢେଇ ଜାରି ରହିବ: ଡ଼ଃ ନିରଞ୍ଜନ ବିଶି

ପାଟଣାଗଡ଼ ୧୫ ।୧୧: ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପାଟଣାଗଡ ଶାଖା ପକ୍ଷରୁ ଆଜି ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତିଙ୍କ ଆରାଧ୍ୟ 'ଧରତୀ ଆବା' ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୨ ତମ ଜିଲ୍ଲା ସ୍ତରୀୟ ଜୟନ୍ତୀ ଏବଂ ଜନଜାତି ଗୌରବ ଦିବସ ସ୍ଥାନୀୟ ଗଡଭିତର ସ୍ଥିତ ଯାତ୍ରା ପଡ଼ିଆରେ ମହାସମାରୋହରେ ପାଳିତ ହୋଇଯାଇଛି । ସକାଳେ ସଂଘର କର୍ମକର୍ତ୍ତା ଓ ୧୫ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ଭାଇଭଉଣୀ ରମାଇଁ ହାଇସ୍କୁଲ ଖେଳ ପଡ଼ିଆରେ ଏକତ୍ରିତ ହୋଇଥିଲେ। ସମାଜର ଇଷ୍ଟଦେବୀ ଦେବାଦେବୀଙ୍କ ଓ ଅସ୍ତ୍ରଶସ୍ତ୍ରଙ୍କୁ ପୂଜାର୍ଚ୍ଚନା ପରେ ପାରମ୍ପରିକ ବାଦ୍ୟ ଓ ନୃତ୍ୟ ସହ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଯାତ୍ରା ପଡ଼ିଆକୁ ପହଞ୍ଚିଥିଲେ । ଏହାପରେ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ବ୍ଲକ ସଭାପତି ଭୂବନେଶ୍ୱର କୁଅଁର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ସାଂସଦ ଡ଼ଃ ନିରଞ୍ଜନ ବିଶି ମୁଖ୍ୟ ଅତିଥି , ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଆଦିବାସୀ କଲ୍ୟାଣ ସଂଘ ସଭାପତି ରାଜେନ୍ଦ୍ର ରାଉତ, ପାଟଣାଗଡ଼ କର୍ମଚାରୀ ସଂଘ ସଭାପତି ଚନ୍ଦ୍ରଶେଖର ବାଗ, ପାଟଣାଗଡ଼ ଆଦିବାସୀ ଏନ୍ ଏସି ସଭାପତି ଚନ୍ଦ୍ରମଣି ଶବର, ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ବନଲତା ମାଝୀ, ଟିଟିଲାଗଡ଼ ସଭାପତି ପଦ୍ମନ ପ୍ରଧାନୀ, ସଂପାଦକ ହେମେନ୍ଦ୍ର ନାଥ ହଂସଦା,ନଗର ସଭାପତି ନିତ୍ୟାନନ୍ଦ ମାଝୀ, ବେଲପଡା ବ୍ଲକ ସଭାପତି ରସିକ ଧରୁଆ, ତୁରେକେଲା ବ୍ଲକ୍ ସଭାପତି ଚୌବନ କିଶୋର ମାଝୀ,ମୁରିବାହାଲ ସଭାପତି ରାଜୀବ କୁମାର ଭୋଇ, ନାରୀନେତ୍ରୀ ଲକ୍ଷ୍ମୀ ଶବର, ଲୋଇସିଂହା ସଭାପତି ଦଶରଥ ଛତ୍ରିଆ, ଦେଓଗାଁ ସଭାପତି ସୁରଥ ଧରୁଆ, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ମନୋରଞ୍ଜନ ଭୋଇ ସମ୍ମାନୀତ ଅତିଥି, ପାଟଣାଗଡ ତହସିଲଦାର ରୁଦ୍ର ମୋହନ ନାଏକ , ଲୋଇସିଂହା ତହସିଲଦାର ଟିକୁନୁ ପୁଟା, ଅବସରପ୍ରାପ୍ତ କୃଷି ଅଧିକାରୀ ବନମାଳୀ ପୁଟା ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଥିଲେ। ବକ୍ତାମାନେ ବିର୍ସା ମୁଣ୍ଡାଙ୍କ ଜୀବନୀ, ବ୍ରିଟିଶ ଶାସନ



ବିରୋଧରେ ତାଙ୍କର 'ଉଲଗୁଲାନ' (ମହାବିଦ୍ରୋହ) ଏବଂ ଜଳ, ଜଙ୍ଗଲ ଓ ଜମିର ସୁରକ୍ଷା ପାଇଁ ତାଙ୍କର ବଳିଦାନ ଉପରେ ଆଲୋକପାତ କରିଥିଲେ।. ସେ ଆହୁରି ମଧ୍ୟ କହିଥିଲେ ଯେ ଆଦିବାସୀ ଅସ୍ମିତା କୁ କେହି ମେଣ୍ଟାଇପାରିବେ ନାହିଁ ଏବଂ ମାଁ ମାଟି ଜଙ୍ଗଲ, ଆଦିବାସୀ ସୁରକ୍ଷା ଲାଗି ଲଢେଇ ଜାରି ରହିବ ବୋଲି ଡଃ ଶ୍ରୀ ବିଶି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ସହ ନାରୀ ଶିକ୍ଷା କୁ ଗୁରୁତ୍ୱ ଦେବା, ନିଶା ନିବାରଣ ଓ ସାମାଜିକ ବିକାଶ , ଏକତା ଉପରେ ଗୁରୁତ୍ୱ ଦେବାକୁ ଅତିଥି ମାନେ ମତବ୍ୟକ୍ତ କରିଥିଲେ। । ଶେଷରେ ଆଦିବାସୀ ଛୋଟ ଛୋଟ ଝିଅ ମାନଙ୍କ ଏକ ସୁନ୍ଦର ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏଥିରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସମ୍ପାଦକ ସାରଥୀ ବାଗ ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଦିବାସୀ ହରିଜନ କର୍ମଚାରୀ ସଂଘ ସଭାପତି ଖୁସିରାମ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ଆଦିବାସୀ କଲ୍ୟାଣ ସଂଘ ଯୁଗ୍ମ ସଂପାଦକ ଗିରିରାଜ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଶାନ୍ତି ଶୃଙ୍ଖଳାର ପାଇଁ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା ଙ୍କ ନେତୃତ୍ୱରେ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

ଆଭାସୀ ମଧ୍ୟରେ କଲ୍ୟାଣସିଂହପୁର ବ୍ଲକରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଉଦଘାଟନ

କଲ୍ୟାଣସିଂହପୁର-୧୫/୧୧(ନିପ୍ର) : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ପୂଜାରୀଗୁଡା ପଞ୍ଚାୟତରେ ଅବସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ଆଭାସୀ ମଧ୍ୟରେ ଦିଲ୍ଲୀ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦଘାଟନ କରିଛନ୍ତି। କଲ୍ୟାଣସିଂହପୁରରେ ବ୍ଲକ ଅଧକ୍ଷା ଅମ୍ରିତା କାଡ଼ାକା, ଅତିରିକ୍ତ ତହସିଲଦାର ଅନାଦି ଶବର,(କ) ଜୋନ ର ମଣ୍ଡଳ ସଭାପତି ଅଜିତ ପାଣିଗ୍ରାହୀ, (ଖ) ଜୋନ ର ସଭାପତି ଅନିଲ କୁମାର ଜାଡ଼ି, ସହକାରୀ ଯନ୍ତ୍ରୀ କ୍ଷୀରୋଦ କାଲ, ସମିତି ସଦସ୍ୟା କୁନାକା ପଦ୍ମା,ସଂମ୍ମାନିତ ଅତିଥିଭାବେ ମଞ୍ଚାସିନ ରହିଥିଲେ। କାର୍ଯ୍ୟକ୍ରମ ରେ ସହକାରୀ ଯନ୍ତ୍ରୀ କ୍ଷୀରୋଦ କାଲ ସଭାପତିତ୍ୱ କରିଥିଲେ। ଆଦିବାସୀନେତା ବିର୍ସା ମୁଣ୍ଡା ଙ୍କ ଜୟନ୍ତି ଅବସରରେ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟ କୁ ଉଦଘାଟନ କରିଥିଲେ। ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷାନୁଷ୍ଠାନ ଉଦଘାଟନ କରାଯାଇଛି ।ଏହି ବିଦ୍ୟାଳୟ ମାଧ୍ୟମରେ ଆଦିବାସୀ ଅଞ୍ଚଳର ଛାତ୍ରଛାତ୍ରୀମାନେ ଉନ୍ନତ ଶିକ୍ଷା ଓ ଉତ୍ତମ ଭବିଷ୍ୟତ ଗଢ଼ିବାର ସୁଯୋଗ ପାଇପାରିବେ । ଶିକ୍ଷା ସହିତ ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶୃଙ୍ଖଳାକୁ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ହିଁ ଏହି ବିଦ୍ୟାଳୟର ମୁଖ୍ୟ ଲକ୍ଷ୍ୟ। ଆଦିବାସୀ ଅଞ୍ଚଳରେ ଶିକ୍ଷାର ଆଲୋକ ପହଞ୍ଚାଇବା ଦିଗରେ ଏକଲବ୍ୟ ବିଦ୍ୟାଳୟର ଭୂମିକା ନିଶ୍ଚିତ ଭାବେ ପ୍ରଶଂସନୀୟ। କାର୍ଯ୍ୟକ୍ରମ କୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବଙ୍ଗାରୀ ପରିଚାଳନା କରିଥିବା ବେଳେ ବ୍ଲକ କର୍ମଚାରି ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।ଶିରିପୁର ଏସ ଏସ ଡି ବିଦ୍ୟାଳୟ ର ଶିକ୍ଷକ ଗୁରୁପ୍ରସାଦ ପବିତ୍ର ମୋହନ ମଞ୍ଚ ପରିଚାଳନା କରିଥିଲେ।

ଅଭିଭାବକ ସହଭାଗିତା ବୈଠକ ଏବଂ ଜନଜାତୀୟ ଗୌରବ ଦିବସ ପାଳିତ

ବିଷମକଟକ:୧୫/୧୧(ନି.ସୂ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ପି.ଏସ୍. କୁୟାର ତାମୁଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରବିବାର ଅଭିଭାବକ ସହଭାଗିତା ବୈଠକ ଏବଂ 'ଜନଜାତୀୟ ଗୌରବ ଦିବସ-୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି। ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନଭେମ୍ବର ୦୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ଜନଜାତୀୟ ଗୌରବ ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟରେ 'ଆମେ ଶିଖୁଛୁ, ଆମେ ଜିତିବୁ' ବିଷୟବସ୍ତୁ ଉପରେ ଆୟୋଜିତ ଅଭିଭାବକ ସହଭାଗିତା ବୈଠକରେ ଜନଜାତୀୟ ଐତିହ୍ୟ, ପାରମ୍ପରିକ ଜ୍ଞାନ, କଳା ଓ ସଂସ୍କୃତି, ଶିକ୍ଷା ଏବଂ ପିଲାମାନଙ୍କ ସର୍ବାଙ୍ଗୀନ ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବଦତ୍ତ ରାଉଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଷମକଟକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ନିକଟସ୍ଥ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର ସାର୍ ଓ ପ୍ରଦୀପ ସାର୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗାୟତ୍ରୀ ତୋଇକାଙ୍କ ସମେତ ସମସ୍ତ ସଦସ୍ୟ, ଅଙ୍ଗନବାଡ଼ି କର୍ମୀ କୁନ୍ତଳା ପିଡ଼ିକା, ୱାର୍ଡ ସଭ୍ୟା ରଞ୍ଜିତା ବାଡ଼ିଆ, ସହକାରୀ ଶିକ୍ଷକ ଅମର କୁସ୍ତ୍ରିକା, ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ। ଶେଷରେ ଅଞ୍ଚଳରେ ଶିକ୍ଷାର ଉନ୍ନତି ଏବଂ ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଅଭିଭାବକମାନେ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିଥିଲେ।

ଡାଇନା ଡାନ୍ସ ସ୍କୁଲର ୧୦ମ ଶିଶୁ ଦିବସ ପାଳିତ

ଚୌଦ୍ୱାର ୧୫/୧୧ : ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୯ ନ ୱାର୍ଡ କଳିଙ୍ଗ ବଜାର ସ୍ଥିତ ଗୋଷ୍ଠୀ କେନ୍ଦ୍ର ଠାରେ ଡ଼ାଇନା ଡାନ୍ସ ସ୍କୁଲ ର ୧୦ମ ଶିଶୁ ଦିବସ ପାଳିତ ହୋଇଯାଇଛି। ଚୌଦ୍ୱାର ଚାରୋଟି ସ୍ଥାନରେ ଯଥା ବ୍ରାହ୍ମଣ ସାହି,କଳିଙ୍ଗ ବଜାର, ହାଉସିଂ ବୋର୍ଡ, ଏଆରସି ରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଙ୍କୁ ନେଇ ଚାରୋଟି ସ୍କୁଲ ନୃତ୍ୟ ଶିକ୍ଷା କେନ୍ଦ୍ର ଚାଲିଛି । ଶିଶୁ ଦିବସ ଅବସରରେ ଚାରୋଟି ଶାଖା ରେ ପିଲାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ମାନ କରାଯାଇ ସେମାନଙ୍କୁ ମେଡାଲ ଏବଂ ଟ୍ରଫି ପ୍ରଦାନ ସହିତ ଟିଫିନ୍ ପ୍ରଦାନ କରାଯାଇଥାଏ ।ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଥିବା ଦୃଢ଼ ଇଚ୍ଛାଶକ୍ତି ଗ୍ରାମାଞ୍ଚଳରୁ ବ୍ଲକ ସ୍ତର , ଜିଲ୍ଲା ସ୍ତରରୁ ଜାତୀୟ ସ୍ତର ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରେ ଥିବା ନୃତ୍ୟ ପ୍ରତିଭାକୁ ଲୋକ ଲୋଚନକୁ ଆଣିବାକୁ ତାଂକର ଗୋଟିଏ ଛୋଟିଆ ପ୍ରୟାସ ବୋଲି ନିର୍ଦ୍ଦେଶିକା ଶୁଭମ୍ ସରିତା କର କହିଛନ୍ତି । ଏହି କାର୍ଯ୍ୟକ୍ରମ ରେ ଚୌଦ୍ୱାର ନଗର ବିଜେଡ଼ି କାର୍ଯ୍ୟକାରୀ ସଭାପତି ବିମଲ କୁମାର ବେଉରା , ୧୭ନ ୱାର୍ଡ ପାରିଷଦ ଆଶୁତୋଷ ଦାସ ଅତିଥି ଭାବେ ଯୋଗ ଦେଇ ପିଲାମାନଙ୍କୁ ମେଡାଲ ପ୍ରଦାନ କରିବା ସହିତ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।ସ୍କୁଲ ର ଅଧକ୍ଷ ସରୋଜ କୁମାର କର,ସାମ୍ବାଦିକ ପବିତ୍ର କୁମାର ମହାନ୍ତି ଙ୍କ ସମେତ ସମସ୍ତ ଅଭିଭାବକ ମାନେ ଉପସ୍ଥିତ ଥିଲେ।



ଭିମ୍ବ ଓ ମିଲେନିୟମ୍ ସଫ୍ଟୱେୟାର ସଲ୍ୟୁସନ୍ସ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷର

ଏମ୍‌ବିଏ ଛାତ୍ରଛାତ୍ରୀଙ୍କୁ ମିଳିବ ଶିଳ୍ପଭିତ୍ତିକ ପ୍ରଶିକ୍ଷଣ, ଇଣ୍ଟର୍ନସିପ୍ ଓ ନିଯୁକ୍ତି ସୁଯୋଗ

ରାୟଗଡ଼ା, ୧୫।୧୧ : ଉଚ୍ଚଶିକ୍ଷା ସହ ଶିଳ୍ପଭିତ୍ତିକ ଜ୍ଞାନ ଓ ବୃତ୍ତିଗତ ଦକ୍ଷତା ବିକାଶ ଦିଗରେ ରାୟଗଡ଼ାର ଭାମ୍ବି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ଭିମ୍ବ) ଏକ ପଦକ୍ଷେପ ଗ୍ରହଣ କରିଛି। ଭିମ୍ବ ଓ ମିଲେନିୟମ୍ ସଫ୍ଟୱେୟାର ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ବୃଦ